


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୦ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 20 FEBRUARY 2023

Vol.No. 34 ■ No. 48 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଗୁପ୍ତଚର ବେଲୁନକୁ ନେଇ ଚୀନ-ଆମେରିକା ମୁହାଁମୁହିଁ



ନୂଆଦିଲ୍ଲୀ,୧୯/୦୨ : ଗୁପ୍ତଚର ବେଲୁନକୁ ନେଇ ଆମେରିକା ଓ ଚୀନ ମଧ୍ୟରେ ବିବାଦ ଥମିବାର ନାଁ ନେଉନି । ଗୁପ୍ତଚର ବେଲୁନ ମାମଲାରେ ଏବେ ଆମେରିକା ସିଧାସଳଖ ଭାବେ ଚୀନକୁ ଧମକ ଦେଇଛି । ଆମେରିକା ବିଦେଶ ମନ୍ତ୍ରୀ ଏଣ୍ଟୋନୀ ବ୍ଲିଙ୍କେଂନ ଚୀନର ମୁଖ୍ୟ କୂଟନୀତିଜ୍ଞ ବାଂଗ ୟୀ ସହିତ ଭେଟ କରିଛନ୍ତି । ଏହି କ୍ରମରେ ବ୍ଲିଙ୍କଂନ ବାଂଗ ୟୀଙ୍କୁ ଚେତାବନୀ ଦେଇଛନ୍ତି କି ଯେଭଳି ପୁଣିଥରେ ଆମେରିକା ଆକାଶରେ ଚୀନର ଗୁପ୍ତଚର ବେଲୁନ ଦେଖିବାକୁ ନମିଳେ । ଆମେରିକା ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ନେଡ ପ୍ରାଇସ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆମେରିକା ଆକାଶରେ ଏଭଳି ବେଲୁନ ଉଡିବାକୁ ଦେଶ ଅନ୍ତରାଷ୍ଟ୍ରୀୟ ଆଇନର ଉଲଙ୍ଘନ ବୋଲି ବିଚାର କରୁଛି । ଏହି କାରଣରୁ ଏଭଳି କାର୍ଯ୍ୟ ଚୀନ ଯେଭଳି ପୁଣିଥରେ ନକରୁ ତାହା ସ୍ପଷ୍ଟ କରିଛି ଆମେରିକା । ୱାସିଂଟନ୍ ପୋଷ୍ଟ ମୁତାବକ ଆମେରିକା ବିଦେଶମନ୍ତ୍ରୀ ଏଣ୍ଟୋନୀ ବ୍ଲିଙ୍କେଂନ ଚୀନର ଟପ୍ କୂଟନୀତିଜ୍ଞ ବାଙ୍ଗ ୟୀଙ୍କ ସହ ଭେଟ ବେଳେ ବେଲୁନ ମାମଲାରେ ଚେତାବନୀ ଦେଇଛନ୍ତି । ଏହାକୁ ନେଇ ବ୍ଲିଙ୍କଂନ ଏକ ଟ୍ୱିଟ୍ କରିଛନ୍ତି । ସେପଟେ ଆମେରିକା ରାଷ୍ଟ୍ରପତି ଜୋ-ବାଇଡେନ କହିଛନ୍ତି କି ଆମେରିକା ଚୀନ ସହ ଶୀତଳ ଯୁଦ୍ଧ ଚାହୁଁନାହିଁ । ଅନ୍ୟପଟେ ଚୀନ କୂଟନୀତିଜ୍ଞ ବାଙ୍ଗ ୟୀ କହିଛନ୍ତି କି, ବାଇଡେନ ପ୍ରଶାସନ ଯେଉଁଭଳି କାମ କରୁଛି ତାହା ଆଇନ ବିରୋଧୀ ଓ ଦୁର୍ଭାଗ୍ୟଜନକ । ଏହାସହ ଆମେରିକା ତାର ସାଧନାର ବିନିଯୋଗ ଚୀନକୁ ବଦନାମ କରିବାକୁ କରୁଛି ବୋଲି ସେ ଅଭିଯୋଗ ଆଣିଛନ୍ତି ।

## ବର୍ଷକ ଭିତରେ ପଦ୍ମପୁରକୁ ଜିଲ୍ଲାର ମାନ୍ୟତା



ଭୁବନେଶ୍ୱର,୧୯/୦୨ (ନି.ପ୍ର): ପଦ୍ମପୁର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ ଘୋଷଣା । ପଦ୍ମପୁରକୁ ବର୍ଷକ ଭିତରେ ଜିଲ୍ଲା ମାନ୍ୟତା ଦିଆଯିବା କଥାକୁ ପୁଣି ଦୋହରାଇଛନ୍ତି ମୁଖ୍ୟମନ୍ତ୍ରୀ । ଝାରବନ୍ଧ, ପାଇକମାଲ ଏବଂ ପଦ୍ମପୁର ସଭାମଞ୍ଚରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣାକୁ ବାରମ୍ବାର କହିଛନ୍ତି । ପଦ୍ମପୁର ଜିଲ୍ଲା ନେଇ ସମୟ ସୀମା ନିର୍ଦ୍ଧାରିତ କରିବା ବ୍ୟତୀତ, ପଦ୍ମପୁର ନିର୍ବାଚନ ମଣ୍ଡଳୀର ୩ଟି ବ୍ଲକ ପାଇଁ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ ଏବଂ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ତେବେ ପ୍ରତିଶ୍ରୁତି ରଖି ଯେତେବେଳେ ପଦ୍ମପୁରରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ଥାନୀୟ ଲୋକଙ୍କ ଭିତରେ ସ୍ପଷ୍ଟ ବାରି ହେଉଥିଲା ଉତ୍ସାହ । ପଦ୍ମପୁର ବିଜୟ ପରେ ଏହି ଗସ୍ତ ସୂଚାଇ ଦେଉଥିଲା ଯେ, ପଦ୍ମପୁର ଜିଲ୍ଲା ନେଇ ମୁଖ୍ୟମନ୍ତ୍ରୀ କିଛି ବଡ଼ ଘୋଷଣା କରିବେ । ଅବିକଳ ସେଇଆ ହୋଇଥିଲା । ଜିଲ୍ଲା ନମ୍ବର ୩୧ । ନାଁ- ପଦ୍ମପୁର । ଝାରବନ୍ଧ, ପାଇକାଲ ଏବଂ ପଦ୍ମପୁର ସଭାମଞ୍ଚରେ ଦୋହରାଇଥିଲେ ସେହି ଘୋଷଣା । ପଦ୍ମପୁର ଜିଲ୍ଲା ନେଇ ସମୟ ସୀମା ନିର୍ଦ୍ଧାରିତ କରିବା ବ୍ୟତୀତ, ପଦ୍ମପୁର ନିର୍ବାଚନ ମଣ୍ଡଳୀର ୩ଟି ବ୍ଲକ ପାଇଁ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ ଏବଂ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ବ୍ଲକ୍, ପଞ୍ଚାୟତ ଏବଂ ଏନଏସିରୁ ବିକାଶ ପାଇଁ ଯେଉଁ ପ୍ରସ୍ତବ ଆସିଥିଲା, ତାକୁ ଓଡ଼ିଶା ସରକାର ମଞ୍ଜୁର କରିଥିବା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ବାସ, ତା'ପରେ ଆରମ୍ଭ ହୋଇଯାଇଥିଲା ଆକ୍ରମଣ । ରେଳବାଇ, ଧାନକିଣା, କୃଷି ବୀମା, କେନ୍ଦୁପତ୍ରରେ ଜିଏସଟି ଆଦି ପ୍ରସଙ୍ଗ ଉଠାଇ, କେନ୍ଦ୍ରମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଥିଲେ ମୁଖ୍ୟମନ୍ତ୍ରୀ । ଏପଟେ କେନ୍ଦ୍ରମନ୍ତ୍ରୀମାନଙ୍କୁ ଟାର୍ଗେଟ୍ କରିବାକୁ ସହଜରେ ଗ୍ରହଣ କରିପାରିନି ବିଜେପି । ମୁଖ୍ୟମନ୍ତ୍ରୀ ପଦ୍ମପୁରବାସୀଙ୍କ ଧୋକା ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ବିଜେପି ନେତା ପ୍ରଦୀପ ପୁରୋହିତ । ଆଉ ଏପଟେ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରି ଏକାଧିକ ପ୍ରଶ୍ନ ଉଠାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଜନୀତିର ବୟାନବାଜି ଓ ପ୍ରତିଦ୍ୱନ୍ଦ୍ୱିତା ଭିତରେ ମିଶନ ଶକ୍ତିର ମା'ମାନଙ୍କୁ ୧ କୋଟି ୨୩ ଲକ୍ଷ ଟଙ୍କାର ସହାୟତା ଦିଆଯାଇଥିବା କହିଥିଲେ ମୁଖ୍ୟମନ୍ତ୍ରୀ । ସେହିପରି ପଦ୍ମପୁରରେ ବିଭିନ୍ନ ବିକାଶମୂଳକ କାମ ପାଇଁ ୯୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ଭଟଲି ବିଧାୟକ, ପଦ୍ମପୁର ବିଧାୟିକା ଏବଂ ୫ଟି ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

## ୩ ଘଣ୍ଟା ବିଳମ୍ବରେ ଉଠିଲା ଶ୍ରୀଲିଙ୍ଗରାଜଙ୍କ ମହାଦୀପ



ଭୁବନେଶ୍ୱର,୧୯/୦୨ (ନି.ପ୍ର): ଲିଙ୍ଗରାଜ ମନ୍ଦିରରେ ବହୁ ବିଳମ୍ବରେ ମହାଦୀପ ଉଠିବାକୁ ନେଇ ଅନେକ ପ୍ରଶ୍ନ ଉଠିଛି । ଗତକାଲି ରାତି ୧୦ଟା ବଦଳରେ ରାତି ଗୋଟାଏ ଆଠ ମିନିଟରେ ମହାଦୀପ ଉଠିଥିଲା । ତେବେ ଏହି ନୀତି ବିଭ୍ରାଟକୁ ପାଇଁ ପ୍ରଶାସନକୁ ଦାୟୀ କରିଛନ୍ତି ସେବାୟତ । ପ୍ରଶ୍ନ ଉଠୁଛି, କଣ ପାଇଁ ହେଲା ନୀତି ବିଳମ୍ବ ? ପ୍ରଶାସନ-ସେବାୟତ ନିଯୋଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଏଭଳି ଘଟିଲା କି ? ସମନ୍ୱୟ ବୈଠକରୁ ନିଯୋଗ ସଦସ୍ୟ ଆସିନଥିଲେ ଆଉ ସେବାୟତଙ୍କ ଆପତ୍ତି ନ ଶୁଣାଯିବା ଯୋଗୁଁ ଏଭଳି ବିଭ୍ରାଟ ହେଲା କି ବୋଲି ଅନେକ ପ୍ରଶ୍ନ କରିଛନ୍ତି । ମହାଦୀପ ଉଠିବାର ସମୟ ନିର୍ଘଣ୍ଟ ହୋଇଥିଲା ରାତି ୧୦ । ହେଲେ ମହାଦୀପ ନେଇ ସମର୍ଥୀ ସେବାୟତ ରାତି ପ୍ରାୟ ୧ଟା ୦୮ ମିନିଟରେ ମନ୍ଦିରର ଚୂଡାରେ ▶▶ପୃଷ୍ଠା ୭

## ଜୟନାରାୟଣଙ୍କୁ ଭେଟିଲେ ସୋମାଲିକା



ଭୁବନେଶ୍ୱର,୧୯/୦୨ (ନି.ପ୍ର) : ତିର୍ତୋଲ ବିଧାୟକ ବିଜୟ ଶଙ୍କରଙ୍କ ବାନ୍ଧବୀ ସୋମାଲିକା ଦାସ ନ୍ୟାୟ ପାଇଁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ଭେଟିଲେ । ବିଧାନସଭାରେ ତାଙ୍କ ପ୍ରସଙ୍ଗ ଉଠାଇବା ପାଇଁ ସେ ବିରୋଧୀ ଦଳ ନେତାଙ୍କୁ ନିବେଦନ କରିଛନ୍ତି । ବିଜୟ ଶଙ୍କର ଓ ସୋମାଲକାଙ୍କ ମଧ୍ୟରେ ଦୀର୍ଘ ଦିନ ହେଲା ବିବାଦ ଚାଲିଛି । ସୋମାଲିକା ନିଜକୁ ବିଜୟଶଙ୍କରଙ୍କ ପ୍ରେମିକା ଭାବେ ଦାବି କରିଆସୁଛନ୍ତି । ଏପରିକି ଉଭୟ ବିବାହ କରିବେ ବୋଲି ପ୍ରଥମେ ଚର୍ଚ୍ଚା ହୋଇଥିଲା । ଦୁହିଁଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥାଇ ସୁଦ୍ଧା ସୋମିଲିକାଙ୍କୁ ବିବାହ କରିବାକୁ ଅମଙ୍ଗ ହୋଇଥିଲେ ବିଜୟ ଶଙ୍କର । ଏହାପରେ ଏହି ପ୍ରସଙ୍ଗ ଭିନ୍ନ ମୋଡ଼ ନେଇଥିଲା ଓ ଏହି ମାମଲା କୋର୍ଟରେ ପହଞ୍ଚିଥିଲା ।

## ଏଲଏସିରେ ଚୀନ କରୁଛି ଚକ୍ରାନ୍ତ



ନୂଆଦିଲ୍ଲୀ,୧୯/୦୨ : ଭାରତ-ଚୀନ୍ ସୀମା ପ୍ରକୃତ ନିୟନ୍ତ୍ରଣ ରେଖା ବା ଏଲଏସିରେ ଚୀନର ଆଉ ଏକ ଚାଲାକି ସାମ୍ନାକୁ ଆସିଛି । ଲାଇନ ଅଫ ଆକଚୁଏଲ କଣ୍ଟ୍ରୋଲ ନିକଟରେ ଚୀନ୍ ରେଳ ଲାଇନ ନିର୍ମାଣ କରିବାକୁ ଯୋଜନା କରୁଛି । କେବଳ ଏତିକି ନୁହେଁ ବିବାଦୀୟ ଅକସାଇ ଚୀନ୍ ଦେଇ ରେଳ ଚଳାଇବାକୁ ପ୍ରସ୍ତୁତ ହେଉଛି ବେଜିଂ । ତିବତ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକ ନୂଆ ରେଳବାଇ ଯୋଜନା ଦ୍ୱାରା ଏହି ତଥ୍ୟ ସାମ୍ନାକୁ ଆସିଛି । ଏହି ନୂଆ ରେଳ ଲାଇନ ପ୍ରକୃତ ନିୟନ୍ତ୍ରଣ ରେଖା ବା ଏଲଏସି ଓ ବିବାଦୀୟ ଅକସାଇ ଚୀନ୍ ଦେଇ ନିର୍ମାଣ ହେବ । ୨୦୨୫ରୁ ୨୦୩୫ ଭିତରେ ଏହି କାମକୁ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରଖିଛି ଚୀନ୍ । ଭାରତ-ଚୀନ୍ ସୀମାରେ ଚୀନ୍ ଦ୍ୱାରା କୌଣସି ନିର୍ମାଣ କାର୍ଯ୍ୟ ଉଭୟ ଭାରତ ଓ ତିବତ ପାଇଁ ଚିନ୍ତାର ବିଷୟ । ଜାନୁୟାରୀ ୧୨ତାରିଖରେ ସେନାମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ କହିଥିଲେ ଯେ, ଏଲଏସିରେ ଚୀନ୍ ସୈନିକଙ୍କ ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇଛି । ଏହାରି ଭିତରେ ଚୀନ୍ ଏହି ରେଳ ଲାଇନ ନିର୍ମାଣ କରିବା ଖବର ସାମ୍ନାକୁ ଆସିଛି । ଭାରତ ଓ ଚୀନ୍ ମଧ୍ୟରେ ୩ ହଜାର ୪୮୮ କିଲୋମିଟର ଲମ୍ବା ସୀମାରେଖା ରହିଛି । ଏହାକୁ ମୋଟିମୋଟି ୩ ଭାଗରେ ବିଭକ୍ତ କରାଯାଇଛି । ୱେଷ୍ଟର୍ଣ୍ଣ ସେକ୍ଟର, ମିଡିଲ ସେକ୍ଟର ଏବଂ ଇଷ୍ଟର୍ଣ୍ଣ ସେକ୍ଟର । ଲଦାଖକୁ ଲାଗି ରହିଥିବା ସୀମାରେଖା ୱେଷ୍ଟର୍ଣ୍ଣ ସେକ୍ଟର । ମିଡିଲ ସେକ୍ଟର ହିମାଚଳ ପ୍ରଦେଶ ଆଉ ଉତ୍ତରାଖଣ୍ଡକୁ ଲାଗି ରହିଛି । ସେହିପରି ସିକିମ ଏବଂ ଅରୁଣାଚଳ ପ୍ରଦେଶକୁ ଲାଗି ରହିଥିବା ସୀମାରେଖା ହେଉଛି ଇଷ୍ଟର୍ଣ୍ଣ ସେକ୍ଟର । ତେବେ ପୂର୍ବରୁ ମଧ୍ୟ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ଚୀନର ବିଭିନ୍ନ ନିର୍ମାଣ କାମକୁ ନେଇ ଭାରତ ଆପତ୍ତି ଉଠାଇଥିଲା । ଏବେ ପୁଣି ଥରେ ଭାରତ-ଚୀନ୍ ସୀମା ନିକଟରେ ରେଳ ଲାଇନ ନିର୍ମାଣ କରିବାକୁ ଯୋଜନା କରୁଛି ଚୀନ୍ ।

## ବାଲେଶ୍ୱର ପୁରବାଇ କନ୍ୟାଶ୍ରମରେ ଅଘଟଣ : ଜଣେ ଅନ୍ତେବାସୀ ମୃତ, ୨୫ ଗୁରୁତର

ବାଲେଶ୍ୱର, ୧୯/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସୋରର ପୁରବାଇ କନ୍ୟାଶ୍ରମରେ ଅଘଟଣ । ଜଣେ ଅନ୍ତେବାସୀଙ୍କ ମୃତ୍ୟୁ ଘଟିବା ସହ ୨୫ ରୁ ଅଧିକ ଜଣ ଗୁରୁତର ହୋଇଛନ୍ତି । ସୂଚନା ମୁତାବକ, ଗତକାଲି ରାତିରେ ୩ ଜଣ ଅନ୍ତେବାସୀଙ୍କର ବାନ୍ତି ହୋଇଥିଲା । ଆଉ ପରେ ସେମାନଙ୍କୁ ସୋର ଡାକ୍ତରଖାନାକୁ ନିଆଯାଇଥିଲା । ଆଉ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଆଉ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ହୋଇଛି । ଖବର ପାଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ▶▶ପୃଷ୍ଠା ୭

## ଜର୍ଦ୍ଦା ଦୋକାନୀଙ୍କ ଠାରୁ ଲୁଟ ମାମଲାରେ ୫ଗିରଫ : ୫.୨ ଲକ୍ଷ ଉଦ୍ଧାର କଲା ପୁଲିସ



ବାଲେଶ୍ୱର, ୧୯/୦୨ (ନି.ପ୍ର): ଜର୍ଦ୍ଦା ବ୍ୟବସାୟୀଙ୍କ ନିକଟରୁ ଟଙ୍କା ଲୁଟ ଘଟଣାରେ ଟାଉନ ଥାନା ପୁଲିସ ୫ଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଟାଉନଥାନା ଅର୍ନ୍ତଗତ ହର୍ଷପୁରା ଅଞ୍ଚଳର ବିଜୟ ଦାସ(୨୮), ସମାୟ ମହାଲିକ(୨୦), ସାଗର ମହାଲିକ(୨୦), ଗଣେଶ ମହାଲିକ(୨୦) ଏବଂ ସଚିନ ମହାଲିକ(୨୦) । ସେମାନଙ୍କଠାରୁ ଲୁଟ ୫ଲକ୍ଷ ୨୨ ହଜାର ଟଙ୍କା ସମେତ ୪ଟି ବାଇକ, ୫ଟି ମୋବାଇଲ ଏବଂ ଦୁଇଟି ଖଣ୍ଡା ଜବତ କରାଯାଇଥିବା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି । ଏହି ଲୁଟ ମାମଲାରେ ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତକୁ ଖୁବଶୀଘ୍ର ଧରାଯିବ ବୋଲି ଏସପି କହିଛନ୍ତି । ଟାଉନଥାନା ଅନ୍ତର୍ଗତ ବଟେଶ୍ୱର ତନ୍ତୀସାହି ଅଞ୍ଚଳର ବଲାଇ କୁମାର ଜେନାଙ୍କର ଓଟି ରୋଡରେ 'ଜେନା ସେଲସ ଏଜେନସି' ନାମରେ ଏକ ଜର୍ଦ୍ଦା ଦୋକାନ ରହିଛି । ଗତ ୧୫ ତାରିଖ ଅପରାହ୍ନ ୨ଟା ୩୦ମିନିଟ ବେଳେ ସେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ସମୟରେ ବଟେଶ୍ୱର ଠାରେ ଦୁଇଟି ବାଇକ ଯୋଗେ ୬ଜଣ ଯୁବକ ତାଙ୍କୁ ଅଟକାଇବା ସହ ତାଙ୍କ ଗାଡି ଡିକିରୁ ୮ ଲକ୍ଷ ଟଙ୍କା ଥିବା ଏକ ବ୍ୟାଗକୁ ଛଡ଼ାଇ ନେଇ ଯାଇଥିଲେ । ଶ୍ରୀ ଜେନା ପ୍ରତିବାଦ କରିବାରୁ ▶▶ପୃଷ୍ଠା ୭

## ଲେଖକମାନେ ନିଜ ଲେଖା ମାଧ୍ୟମରେ ହିଁ ନିଜର ପରିଚୟ ସୃଷ୍ଟି କରିପାରିବେ



ଆଳି, ୧୯/୦୨ (ନି.ପ୍ର): ସାହିତ୍ୟିକ ମାନେ ନିଜ ଲେଖା ମାଧ୍ୟମ ରେ ନିଜର ପରିଚୟ ସୃଷ୍ଟି କରିପାରିବେ ।ଅଧିକ ନୁହେଁ ମାତ୍ର ଗୋଟିଏ ଗଳ୍ପ କି ଉପନ୍ୟାସ ଲେଖି ଲେଖକ ସମସ୍ତଙ୍କ ନିକଟତର ହୋଇ ଥିବାର ଅନେକ ଉଦାହରଣ ରହିଛି ବୋଲି ପରାଗ ସାହିତ୍ୟ ସଂସଦ ୪୧ତମବାର୍ଷିକ ଉତ୍ସବରେ ଅତିଥି ମାନେ ଏହା ପ୍ରକାଶ କରିଛନ୍ତ । ରବିବାର ପୂର୍ବାହ୍ନ ରେ ମେଣ୍ଟପୁର ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ପରାଗ ସାହିତ୍ୟ ସଂସଦ ର ସଭାପତି ରମେଶଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତାକରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଔପନ୍ୟାସିକ ତଥା ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ର ପରିଚାଳନା ସଂପାଦକ ସୃଷ୍ଟିଧର ପରିଡ଼ା ଯୋଗ ଦେଇ ଲେଖକ ମାନଙ୍କୁ ବାସ୍ତବତା କୁ ଆଧାର କରି ଲେଖନୀ ଚାଳନା କଲେ ଜଗତର ମଂଗଳ ହେବା ସହିତ ସମାଜରେ ନିଜେ ଜଣେ ସୁଲେଖକ ର ପ୍ରତିଷ୍ଠା ପାଇପାରିବ ବୋଲି ସେ କହିଥିଲେ । ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ବିଶିଷ୍ଟ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ କହିଥିଲେ ଯେ ଲେଖକ ମାନଙ୍କ ଲେଖା ହିଁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ । ଲେଖକ ର ଲେଖାମାନ ତାକୁ ପ୍ରତିଷ୍ଠା ଦେଇ ଥାଏ ଯାହା କୌଣସି ସମ୍ମାନ କିମ୍ବା ପୁରସ୍କାର ଦେଇନ ଥାଏ । ସମ୍ମାନୀତ ଅତିଥି ଭାବରେ ସମାଲୋଚକ ଓ କବି ହିମାଂଶୁ ପରିଡ଼ା କହିଥିଲେ ଯେ ସାହିତ୍ୟ କୁ ତର୍ଜମା କଲେ ହିଁ ପ୍ରକୃତ ସାହିତ୍ୟ ଜଣାପଡେ । ସାଧାରଣ ଭାବେ ଯାହା କୁହାଯାଏ ତାହା ସାହିତ୍ୟ ବି ନ ହୋଇ ପାରେ । ତେଣୁ ଅଧ୍ୟୟନ କଲେ ଆମେ ସବୁ ଜାଣିପାରିବା ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ନିଳାଦ୍ରୀ ଭୂଷଣ ମହାପାତ୍ର ମଚାସୀନ ଥିଲେ । ଏହି ଅବସରରେ ୮ଜଣ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଧ୍ୱନି ପ୍ରତିଧ୍ୱନି ର ସଂପାଦିକା ସୈରିନ୍ଧ୍ରୀ ସାହୁ, ଗୀତି କବି ମନୋଜ ପଟ୍ଟନାୟକ, କବି ହେମନ୍ତ ରାଉତ, କବି ଚିତ୍ତରଞ୍ଜନ ନାୟକ, କବି ଇପ୍ସିତା ଷଡ଼ଙ୍ଗୀ, କବି ସୁରଞ୍ଜନ ପାତ୍ର,ଗାଳ୍ପିକ ଜ୍ଞାନରଞ୍ଜନ ନାୟକ ପ୍ରମୁଖ ଙ୍କୁ ଅତିଥି ମାନେ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉତ୍ସବ ଆରମ୍ଭରେ ଗାଳ୍ପିକ ଲକ୍ଷ୍ମୀଧର ନାୟକ ଆଦିତ୍ୟଙ୍କ ଗଳ୍ପ ସଙ୍କଳନ 'ଆସଇବସନ୍ତ ଶିଶିର ଅନ୍ତେ'କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ▶▶ପୃଷ୍ଠା ୭

# କେବିଡିରେ ଡାକମେଳା ଓ ଆର୍ଥିକ ସାକ୍ଷରତା ସଚେତନତା



ଜୟପୁର, ୧୯/୦୨ (ନି.ପ୍ର): କୋରାପୁଟ ଡିଭିଜନ୍ ଡାକ ବିଭାଗ ପକ୍ଷରୁ ଜୟପୁର ବ୍ଲକ ଅର୍ନ୍ତଗତ କେବିଡି ଠାରେ ଡାକ ମେଳା ଓ ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇ ଗ୍ରାମାଂଚଳର ଲୋକେ ଡାକ କାର୍ଯ୍ୟାଳୟରେ ନିଜ ଆକାଉଣ୍ଟ ଖୋଲି ଏହା ମାଧମରେ ବିଭିନ୍ନ ସରକାରୀ ଯୋଜନାରୁ ମିଳୁଥିବା ଆର୍ଥିକ ସହାୟତାର କାରବାର ଏଥିରେ କରି ଏହାର ଲାଭ ଗାଁରେ ପାଇପାରିବେ ବୋଲି କହିଥିଲେ। ଅଙ୍ଗନୱାଡୀ କର୍ମୀ ମାନେ ଝିଅ ଜନ୍ମ ହେବା ମାତ୍ରକେ ଡାକଘରେ ତୁରନ୍ତ ସୁକନ୍ୟା ସମୃଦ୍ଧି ଯୋଜନାରେ ସାମିଲ କରାଇବାକୁ ଆହ୍ୱାନ ଦେଇଥିଲେ।

ଡିଭିଜନ ବରିଷ୍ଠ ଅଧିକ୍ଷକ ତଥା ଆଇପିଓଏସ୍ ମନୋଜ ପ୍ରଗଡ଼ା, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ସହକାରୀ ପରିଚାଳକ ଅଭିମନ୍ୟୁ, ପି.ଦିନେଶ ଆଦି ଭାଗ ନେଇ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ସହ ଡାକ ବିଭାଗ ପକ୍ଷରୁ ଗ୍ରାମାଂଚଳରେ ସହଜରେ ଏବଂ ସୁବିଧାରେ ଯୋଗାଇ ଆସୁଥିବା ବିଭିନ୍ନ ସେବା ସଂପର୍କରେ ସୂଚନା ଦେଇଥିଲେ। ଗ୍ରାମାଂଚଳର ଲୋକେ ଡାକ କାର୍ଯ୍ୟାଳୟକୁ ଯାଇ ୫ବର୍ଷର ତଳ ପିଲାଙ୍କୁ ମାଗଣାରେ ଆଧାରକାର୍ଡ କରାଇ ପାରିବେ ବୋଲି କହିଥିଲେ। ୫ବର୍ଷରୁ ଉର୍ଦ୍ଧ୍ୱଙ୍କୁ ୧୦୭ଟଙ୍କା ଦେଇ ଆଧାରକାର୍ଡ ପ୍ରସ୍ତୁତି , ସଂଶୋଧନ ଆଦି ପାଇଁ ସାମାନ୍ୟ ଫି ରହିଥିବା ସଂପର୍କରେ ସୂଚନା ଦେଇଥିଲେ। ଡାକ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, ବିବିଧ ପ୍ରମାଣପତ୍ର ଆଦି ପାଇବା ପାଇଁ କମନ୍ ସର୍ଭିସ ସେଣ୍ଟର (ସାଧାରଣ ସେବା କେନ୍ଦ୍ର ) ଭାବେ ସେବା ଯୋଗାଉଥିବା ସଂପର୍କରେ ବି ସୂଚନା ଦେଇଥିଲେ।

ପ୍ରତିପଂଚାୟତରେ ଡାକ କାର୍ଯ୍ୟାଳୟ ରହିଥିବା ଏବଂ ଡାକକାର୍ଯ୍ୟାଳୟ ଏବଂ ଏଠାରେ କାମ କରୁଥିବା କର୍ମଚାରୀଙ୍କ ଜରିଆରେ ସରକାରଙ୍କ ବିଭିନ୍ନ ଜନହୀତକାରୀ ଯୋଜନାର ଆର୍ଥିକ ଦେଣ ନେଣ ହେଉଥିବା ସଂପର୍କରେ ବ୍ଲକର ଅଧିକାରୀ ମାନେ ସୂଚନା ଦେଇଥିଲେ। ମେଳାରେ କେବିଡି, ପୁଜାରୀପୁଟ ଓ ରାଣୀଗୁଡା ପଂଚାୟତର ସରପଂଚ, ସମନ୍ୱିତ ଶିଶୁ ଓ ମହିଳା ବିକାଶ ବିଭାଗର ପରିଦର୍ଶିକା, ଆଶା, ଅଙ୍ଗନୱାଡୀ କର୍ମୀଙ୍କ ତିନି ପଂଚାୟତର ବିଭିନ୍ନ ଗାଁର ଲୋକେ ଭାଗ ନେଇଥିଲେ। ସଭାସ୍ଥଳ ନିକଟରେ ଡାକ ବିଭାଗରେ କାମ କରୁଥିବା କର୍ମଚାରୀ ଓ ସାଧାରଣ ସେବା କେନ୍ଦ୍ରର କର୍ମଚାରୀ ମାନେ ଲୋକଙ୍କୁ ବିଭିନ୍ନ ସେବା ସଂପର୍କରେ ବୁଝାଇବା ସହ ପ୍ରଦର୍ଶନ କରି ଦେଖାଇବା ସହ କିଛି ସେବା ଉପଲବ୍ଧ କରାଇଥିଲେ।

# ଜିଲ୍ଲା ଯୋଜନା ବୋର୍ଡ ବୈଠକକୁ ନେଇ ନରସିଂହଙ୍କ ସାମ୍ବାଦିକ ସମ୍ମିଳନୀ

ବଲାଙ୍ଗିର, ୧୯/୦୨ (ନି.ପ୍ର) : ଜିଲ୍ଲା ଯୋଜନା ବୋର୍ଡ ବୈଠକରେ ଜିଲ୍ଲାର ବିକାଶର ନକ୍ସା ତିଆରି ହୋଇଥାଏ । ଏଠାକୁ ତ୍ରିସ୍ତରିୟ ପଂଚାୟତ ବ୍ୟବସ୍ଥାରେ ଥିବା ଜନ ପ୍ରତିନିଧି ତଥା ସଂସ୍ଥାମାନେ ଯଥା ପଂଚାୟତ, ପୌର ପରିଷଦ ଓ ଜିଲ୍ଲା ପରିଷଦରୁ ଅଂଚଳର ବିକାଶକୁ ନେଇ ବିଭିନ୍ନ ପ୍ରସ୍ତାବ ଆସିଥାଏ । ଅଂଚଳର ବିକାଶ ପାଇଁ ଯାହା ଠିକ ତାହା ଏହି ବୈଠକରେ ପାରିତ ହୋଇଥାଏ । କିନ୍ତୁ ବିଡମ୍ବନାର ବିଷୟ ଦିର୍ଘ ଚାରି ବର୍ଷ ହେଲା ବଲାଙ୍ଗିର ରେ ଯୋଜନା ବୋର୍ଟର ବୈଠକ ବସି ନାହିଁ । ବୈଠକରେ କରୋନାକୁ ଆଳ ଦେଖା ଯାଉଛି ମାତ୍ର, କରୋନା ସମୟରେ ସବୁ ଗୁରୁତ୍ୱପୁର୍ଣ୍ଣ ବୈଠକ ଡକା ଯାଇଥିବା ବେଳେ ଆମ ଅଂଚଳର ବିକାଶ ପାଇଁ ନିହାତି ଦରକାର ହେଉଥିବା ଯୋଜନା ବୋର୍ଡ କାହିଁକି ଡକା ଗଲା ନାହିଁ ବୋଲି ବିଧାୟକ ନରସିଂହ ମିଶ୍ର ସ୍ଥାନୀୟ ଏକ ଘରୋଇ ହୋଟେଲ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି । ଏହି ମର୍ମରେ ସେ ଆହୁରି ମଧ କହିଛନ୍ତି ଯେ, ଆଗାମୀ ବଜେଟ ଅଧିବେଶନ ପୁର୍ବରୁ ଯଦି ବଲାଙ୍ଗିର ବିକାଶକୁ ନେଇ ଜିଲ୍ଲା ଯୋଜନା ବୋର୍ଡରେ ପ୍ରସ୍ତାବ ପାରିତ କରି ସରକାରଙ୍କ ପାଖକୁ ପଠା ନଯିବ ତାହେଲେ ଏହି ଯୋଜନା ବୋର୍ଡ ଥାଇ ଲାଭ କଣ ? ଗତ ଯୋଜନା ବୋର୍ଡ ବୈଠକରେ ନିଜେ ଦେଇଥିବା ପ୍ରସ୍ତାବ ଯାହାକି ଜିଲ୍ଲାର ବିକାଶ ପାଇଁ ନିହାତି ଅପରିହାର୍ଯ୍ୟ ସେସବୁ ସମ୍ବାଦିକ ସମ୍ମିଳନୀରେ ସୁଚନା ଦେଇଥିଲେ । ବଲାଙ୍ଗିର ଜିଲ୍ଲାରେ କପା ଚାଷ ଅଧିକ ହୁଏ, ବିଧାନସଭା ପୁର୍ବରୁ ନାଗରୀକ ସମାଜ ସହ ହୋଇଥିବା ବୈଠକରେ ନାଗରିକ ସମାଜ ବଲାଙ୍ଗିରରେ ଏକ ଟେକ୍ସଟାଇଲ ମିଲ ସ୍ଥାପନ କରିବା ପାଇଁ କହିଥିଲେ । ଯାହାକୁ ଯୋଜନାବୋର୍ଡ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା । ସେହିପରି ଆଖୁ ଚାଷୀ ଓ ବେକାର ଯବକଙ୍କୁ ରୋଜଗାର ପ୍ରଦାନ ଉଦ୍ଦେଶ୍ୟରେ ଦେଓଗାଁ ସ୍ଥିତ ବିଜୟା ନନ୍ଦ ଚିନିକଳ ପୁନଃ ପ୍ରଚଳନ, କନ୍ଟାବାଞ୍ଜିରେ ରେଳ ବିଭାଗର ୭୦୦ଏକର ଜମିରେ ଏକ ରେଳ ଭିତ୍ତିକ ଶିଳ୍ପର ପ୍ରତିଷ୍ଠା, ପର୍ଯ୍ୟଟନ ପାଇଁ ହରିଶଙ୍କର ର ବିକାଶ, ରାଣୀପୁର ଝରିଆଲ ପାଇଁ ସ୍ୱତନ୍ତ୍ର ଅନୁଦାନ, ଭୀମ ଡୁଙ୍ଗୁରିର ହରିଣ ପାର୍କ, ଗନ୍ଧେଲ ଡ୍ୟାମ ଓ ଚାନ୍ଦଲି ପାହାଡର ଉନ୍ନତିକରଣ ଏବଂ ପୁରୁଣା ସମଲେଶ୍ୱରୀ ମନ୍ଦିରର ପୁନଃ ଉଦ୍ଧାର ସହ ଗୋପାଳଜୀ ମନ୍ଦିର ପାଶ୍ୱର୍ରେ ଥିବା ଦେବୋତ୍ତର ଜମିରେ ଏକ ଭବ୍ୟ ସମଲେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ୫୦୦ କୋଟି ଦାବୀ କରିବା ପାଇଁ ବିଧାୟକ ଶ୍ରୀ ମିଶ୍ର ପ୍ରସ୍ତାବ ଦେଇଥିଲେ । ଆହୁରି ମଧ ସ୍ୱାସ୍ଥ୍ୟସେବା ପାଇଁ ଭୀମ ଭୋଇ ମେଡିକାଲରେ ସୁପର ସ୍ପେସିଆଲିଟି ବିଭାଗ ଖୋଲିବା ସହ ଖାଲିଥିବା ଡାକ୍ତର ପଦବୀ ପୁରଣ, ଜଳସେଚନ ପାଇଁ ଜରାସିଂହା ଓ ତୁଡକା ଠାରେ ବ୍ୟାରେଜ ନିର୍ମାଣ, କଲେଜ ଓ ସ୍କୁଲ ଗୁଡିକରେ ଶିକ୍ଷକ ଓ ଅଧ୍ୟାପକ ପଦବୀ ପୁରଣ, ବଲାଙ୍ଗିର ରେ ହାଇକୋର୍ଟ ବ୍ୟାଂଚ, ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ଓ ବାଇପାସ କାମକୁ ତ୍ୱରାନ୍ୱିତ କରିବା ପାଇଁ ବିଧାୟ ପ୍ରସ୍ତାବ ପାରିତ କରିବା ପାଇଁ କହିଥିଲେ । ତାସହ ଆଗାମୀ ବିଧାନସଭାରେ ରାଜ୍ୟର ପ୍ରସିଦ୍ଧ ବାଲୁକ ଶିଳ୍ପି ଓମପ୍ରକାଶ ସାହୁଙ୍କ ଅନୁରୋଧ କ୍ରମେ ଗିନିଜ ବୁକ୍ ଅଫ ରେକର୍ଡରେ ଜିଲ୍ଲାକୁ ସ୍ଥାନ ଦେବା ପାଇଁ ଏକ ବାଲୁକା କଳା ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ୩୦ଲକ୍ଷ ଟଙ୍କାର ଅନୁଦାନ ସେ ନିର୍ଶ୍ଚିତ ଭାବେ ଅଣାଯିବ ବୋଲି କହିଥିଲେ । ଠିକ ସେହିପରି ଲକ୍ଷ୍ମୀଜୋର ପ୍ରକଳ୍ପ କାମ ମଧ ଶିଘ୍ର ଆରମ୍ଭ ହେବ ବୋଲି ଶ୍ରୀ ମିଶ୍ର ସୁଚନା ଦେଇଥିଲେ । ସାମ୍ବାଦିକଙ୍କ ଅନୁରୋଧ କ୍ରମେ ବଲାଙ୍ଗିର ଠାରେ ସରକାରୀ ଇଞ୍ଜିନିଅରିଂ କଲେଜ ପାଇଁ ନିର୍ଶ୍ଚିତ ଭାବରେ ବିଧାନ ସଭାରେ ଦାବୀ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ସଂସ୍କୃତି ଭବନ ଲୋକାର୍ପଣ ସମୟରେ ଘଟିଥିବା ଏକ ଘଟଣାକୁ ନେଇ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ମିଶ୍ର କହିଥିଲେ ଯେ, ଏହା ସେଦଳର ଜିନ ଗତ ତୃଟି ଏବଂ ଏହା ଉଲଟା ଚୋର୍ କୋତବାଲ କୋ ଡାଟେଁ ସଦୃଶ । ଏହାକୁ ନେଇ କୌଣସି ବିଶେଷ ପ୍ରତିକ୍ରୀୟା ଦିଆ ଯାଇ ପାରିବ ନାହିଁ ବୋଲି ମତବ୍ୟକ୍ତ କରିବା ସହ ଯେଉଁମାନେ ବିଶୃଙ୍ଖଳା କରିଛନ୍ତି, ସେମାନେ ହିଁ ଅଭିଯୋଗ କରୁଛନ୍ତି ଯାହାକି ସୈତାନର ବେଦ ପାଠ ସହ ସମାନ ।

## ବନ ବିଭାଗ ପକ୍ଷରୁ ୨୨ ଖଣ୍ଡ ଶାଗୁଆନ ଗଣ୍ଡି ବୋଝେଇ ଟ୍ରାକ୍ଟର ଜବତ

ବଲାଙ୍ଗିର , ୧୯/୦୨ (ନି.ପ୍ର): କଂଟାବାଂଜି ବନ ରେଞ୍ଜ କର୍ମଚାରୀ ମାନଂକ ଦ୍ୱାରା ଗତକାଲି ଶୁକ୍ରବାର ରାତିରେ ପେଟ୍ରୋଲିଂ ବେଳେ ୨୨ଖଣ୍ଡ ଶାଗୁଆନ ଗଣ୍ଡି ବୋଝଇେ ଏକ ଟ୍ରାକ୍ଟର ଜବତ କରାଯାଇଛି । ମିଳିଥିବା ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା କଂଟାବାଂଜି ଓ ବଙ୍ଗୋମୁଣ୍ଡା ଫରେଷ୍ଟ ରେଂଜ ସୀମାର ବରକାନି ଗ୍ରାମରେ କଂଟାବାଂଜି ବନ ବିଭାଗର କଂଟାବାଂଜି ରେଞ୍ଜର ଶ୍ରଦ୍ଧାଦେବ ବଡମାଲି, ଫରେଷ୍ଟର ଶ୍ରୀଲିଙ୍ଗରାଜ ପୋଢ, ଗାର୍ଡ ଚନ୍ଦ୍ରକାନ୍ତି ସୁନା, ଗାର୍ଡ ପରମାନନ୍ଦ ଭାଟି, ଜଳନ୍ଧର ବନଛୋର, କେଶବ ନାଗଙ୍କ ସହ ବଙ୍ଗୋମୁଣ୍ଡା ରେଂଜର ଜନାର୍ଦ୍ଦନ ଠାକୁର ଓ କଂଟାବାଂଜି ରେଂଜର ଅନ୍ୟ ବନ କର୍ମଚାରୀ ପେଟ୍ରୋଲିଂଗ କରିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ଚଢଉ କରି ଏହା ଜବତ ବେଳେ ଡ୍ରାଇଭର ଫେରାର ମାରିଛି । ତାର କୌଣସି ଖୋଜ ଖବର ମିଳିପାରି ନାହିଁ ।

# ଫଗୁଣରୁ ଜଳିଲାଣି ଜଙ୍ଗଲ : ୩ ଦିନରେ ୧୦ ସ୍ଥାନରେ ଠାବ ହେଲାଣି ନିଆଁ



ରାୟଗଡ଼ା, ୧୯/୦୨ (ନି.ପ୍ର): ରାୟଗଡ଼ା ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲରେ ନିଆଁ ବ୍ୟାପିବାରେ ଲାଗିଛି। ଗତ ୩ ଦିନରେ ରାୟଗଡ଼ା, କୋଲନରା, କଲ୍ୟାଣସିଂହପୁର ବ୍ଲକର ୧୦ଟି ସ୍ଥାନରେ ଜଙ୍ଗଲ ଜଳୁଥିବା ଦୃଶ୍ୟମାନ ହୋଇଛି। ବନ ବିଭାଗ ଅଧିକାରୀ ନିଆଁ ଲାଗିବା ସଂପର୍କରେ ଅବଗତ ଅଛନ୍ତି। କିନ୍ତୁ ପୂର୍ବ ପ୍ରସ୍ତୁତି ମୁତାବକ ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି। ଫଳରେ ନିଆଁ ଗୋଟିଏ ପରେ ଗୋଟିଏ ଜଙ୍ଗଲକୁ ବ୍ୟାପିବାରେ ଲାଗିଛି।

ଗ୍ରୀଷ୍ମ ଆସିବାକୁ ଆହୁରି ଏକ ମାସ ବାକି ଅଛି। ହେଲେ ଚଳିତ ବର୍ଷ ଫଗୁଣ ମାସରୁ ଜଙ୍ଗଲ ଜଳିବା ଆରମ୍ଭ କଲାଣି। ଗତ ୪ ଦିନ ହେଲା ଜଙ୍ଗଲରେ ଲାଗିଥିବା ନିଆଁ ଯୋଗୁ ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ବହୁ ବନ୍ୟପ୍ରାଣୀ ସଙ୍କଟରେ ପଡ଼ିବା ସହ ବହୁ ମୂଲ୍ୟବାନ ଗଛ ନଷ୍ଟ ହୋଇଛି। ପୋଡୁ ଚାଷ ସହ ଅଙ୍ଗାର, କାଠ ସଂଗ୍ରହ ପାଇଁ ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଉଛନ୍ତି। ବହୁ ଅଧିବାସୀ ପାହାଡ଼ ଉପରେ ଥିବା ଜଙ୍ଗଲ ଜମିରେ ଚାଷ କରୁଥିବାରୁ ଚାଷକାର୍ଯ୍ୟକୁ ଯିବା ସମୟରେ ପିକା, ବିଡି, ସିଗାରେଟ୍ ଟାଣୁଛନ୍ତି। ଯାହା ଜଙ୍ଗଲରେ ନିଆଁ ଲାଗିବାର ପ୍ରମୁଖ କାରଣ ହୋଇଛି। ଗତ ୧୫ ତାରିଖରେ ରାୟଗଡ଼ା ବ୍ଲକ୍ ପିତାମହଲ ପଞ୍ଚାୟତ ପୂଜାରିଗୁଡା ଗାଁ ନିକଟ ଜଙ୍ଗଲରେ ନିଆଁ ଲାଗିଥିବା ଗ୍ରାମବାସୀ ଦେଖିଥିଲେ।

ତିନି ଦିନ ପୂର୍ବରୁ ଲାଗିଥିବା ନିଆଁ ଧୀରେ ଧୀରେ ଉଗ୍ର ହେବାରେ ଲାଗିଥିଲେ ମଧ ନିଆଁକୁ ଆୟତ୍ତ କରିବାକୁ ବନ ବିଭାଗର କେ ?ଣସି ଅଧିକାରୀ କିମ୍ବା ନିଆଁକୁ ଆୟତ୍ତ କରିବା ପାଇଁ ଗଠନ ହୋଇଥିବା ସ୍ୱତନ୍ତ୍ର ଟିମ୍ ପହଞ୍ଚି ନଥିବା ଗ୍ରାମବାସୀ କହିଛନ୍ତି। ସେହିପରି ୧୬ ତାରିଖରେ ବାଇସିଂ ଗ୍ରାମ ନିକଟ ନାକ ପାହାଡ଼ରେ ଭୀଷଣ ନିଆଁ ଲାଗିଥିବା ଦୃଶ୍ୟମାନ ହୋଇଥିଲା। ଦିନରେ ପ୍ରବଳ ଧୂଆଁ ସହିତ ରାତିରେ ନିଆଁ ଦୃଶ୍ୟମାନ ହୋଇଥିଲେ ମଧ ନିଆଁ ଲିଭାଇବା ପାଇଁ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇନି। କୋଲନରା ବ୍ଲକ ଗାଡ଼ିଶେଷଖାଲ ପଞ୍ଚାୟତ କଲଟିଗୁଡା ନିକଟରେ ମଧ ଜଙ୍ଗଲ ଜଳୁଛି। ଫଳରେ ଜଙ୍ଗଲରେ ଥିବା ବହୁ ଔଷଧୀୟ ଗଛ ସହିତ ଫଳ ଗଛ ପୋଡି ନଷ୍ଟ ହେଉଥିବା ନେଇ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। କଲ୍ୟାଣସିଂହପୁର, ରାମନାଗୁଡା ବ୍ଲକର କିଛି ଅଞ୍ଚଳରେ ମଧ ଜଙ୍ଗଲରେ ନିଆଁ ଲାଗିଛି। ଖରା ଦିନ ଆସିନଥିବାରୁ ବନ ବିଭାଗ ଏହାକୁ ଗୁରୁତର ସହ ନେଇନଥିବା ଅଭିଯୋଗ ହୋଇଛି। ଜଙ୍ଗଲ ନିଆଁ ରୋଗିବାକୁ ଫେବ୍ରୁଆରୀ ୧୫ରୁ ଜୁନ୍ ୧୫ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଗାର୍ଡ ଟିମ ଗଠନ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ପ୍ରତି ୨୫୦ ବର୍ଗ କିମି ଲାଗି ଜଣେ ବିଟ ଗାର୍ଡ ନିୟୋଜିତ କରାଯିବ। ଦୀର୍ଘ ମାସ ଧରି ନିୟୋଜିତ ଗାର୍ଡମାନେ ଜଙ୍ଗଲ ନିଆଁ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିବେ। ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହୋଇଯାଇଥିବାରୁ ବନ ବିଭାଗ ଖୁବ୍ ଶୀଘ୍ର ରୋକିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଖଡ଼ିଆଳରେ ସହରାଂଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

ନୂଆପଡ଼ା, ୧୯/୦୨ (ନି.ପ୍ର): ଖଡ଼ିଆଳ ସହର ଓ ଗ୍ରାମାଂଚଳ ପାଇଁ ନୂତନ ଭାବେ ଗତ ୨୦୨୦ ମସିହାରେ ଭୂତପୂର୍ବ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଦ୍ୱାରା ୮ କୋଟି ଟଙ୍କା ବିନିମୟରେ ଖଡ଼ିଆଳ ଚନାବେଡା ଠାରେ ମାଁ ଓ ଶିଶୁ ଯତ୍ନ କେନ୍ଦ୍ର ଉଦଘାଟିତ ହୋଇଥିଲା । ଯାହାଫଳରେ ଖଡ଼ିଆଳ ଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚନାବେଡାକୁ ସ୍ଥାନାନ୍ତର କରାଯାଇଥିଲା । ଚନାବେଡା ଠାରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଖଡ଼ିଆଳ ସହର ଠାରୁ ପାଖାପାଖି ତିନି କିଲୋମିଟର ବ୍ୟବଧାନରେ ଥିବାରୁ ଖଡ଼ିଆଳ ସହରବାସୀଙ୍କୁ ଏମାରଜେନ୍ସି ଚିକିତ୍ସା ପାଇଁ ତିନି କିଲୋମିଟର ଚନାବେଡାକୁ ଯାଇ ଚିକିତ୍ସା ହେବାକୁ ପଡୁଥିଲା । ଯାହାଫଳରେ ଖଡ଼ିଆଳ ସହରରେ ଥିବା ପୁରୁଣା ସ୍ୱସ୍ଥ୍ୟକେନ୍ଦ୍ରରେ ଖଡ଼ିଆଳ ସହରବାସୀଙ୍କ ପାଇଁ ସହରାଂଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ତୁରନ୍ତ ଖୋଲିବା ପାଇଁ ଖଡ଼ିଆଳ ସହର ବାସୀ ଦାବୀ କରି ଆସୁଥିଲେ । ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଖଡ଼ିଆଳ ସହରରେ ତୁରନ୍ତ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଠାରେ ଦାବୀ କରି ଆସୁଥିଲେ । ଓଡ଼ିଶା ବିଧାନସଭାରେ ମଧ ବାରମ୍ବାର ଦାବୀ ଉପସ୍ଥାପନା କରି ଆସୁଥିଲେ। ବିଧାୟକଙ୍କ ଦାବୀ ରାଜ୍ୟ ସରକାର ସହୃଦୟ ସହିତ ନେବା ସହିତ ଖଡ଼ିଆଳ ଠାରେ ଶନିବାର ସହରାଂଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଖଡ଼ିଆଳ ଜନ ସାଧାରଣଙ୍କ ପାଇଁ ଉଦଘାଟିତ କରାଯାଇଥିଲା । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ,ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ,ଖଡ଼ିଆଳ ଏନଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା ଯୋଗଦାନ କରି ଶୁଭ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏନଏସି ଭାଇସ ଚେରମେନ ଶକୁନ୍ତଳା ରାଉତ , ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜିତ ସ୍ୱାଇଁ, ଡାକ୍ତର ଅନ୍ନଦା ଶଙ୍କର ଦାସ, ଡାକ୍ତର ବିଜୟ କିଶୋର ଚଳାନ, ଡାକ୍ତର ଆଦିତ୍ୟ ଯୋଶୀ ସମେତ ନିମନ୍ତ୍ରିତ ବୁଦ୍ଧିଜୀବୀ ଓ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ଜିଲ୍ଲା କାର୍ଯ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା

କେନ୍ଦ୍ରାପଡା, ୧୯/୦୨ (ନି.ପ୍ର): ଜିଲ୍ଲା କାର୍ଯ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । କର୍ମଚାରୀ ସଭାଗୃହ ପରିସରରେ ଅୟୋଜିତ ଏହି ସ୍ୱାସ୍ଥ୍ୟ ପରୀକ୍ଷାରେ ଭୁବନେଶ୍ୱର ର କେଭିଏ କମ୍ପାନୀ ଶତାଧିକ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିକିତ୍ସା ସଂପର୍କରେ ପରାମର୍ଶ ଦେଇଥିଲେ । ଜିଲ୍ଲା କାର୍ଯ୍ୟାଳୟ କର୍ମଚାରୀ ଓ ସ୍ଥାନୀୟ ଅଂଚଳର ଜନ ସାଧାରଣ ମଧ ଏହି ସ୍ୱାସ୍ଥ୍ୟ ଶିବିରରେ ସାମିଲ ହୋଇଥିଲେ । ଏହି ଶିବିରରେ କେତେଜଣ ଅବସର ପ୍ରାପ୍ତ ଡାକ୍ତର ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଜଣାପଡିଛି ।

# ଧେନୁଖୋଜା ୟୁଥ କ୍ଲବର ବାର୍ଷିକ ଉତ୍ସବ




ବସ୍ତା, ୧୯/୦୨ (ନି.ପ୍ର): ବସ୍ତା ବ୍ଲକ ଧେନୁଖୋଜା ଗ୍ରାମ କଳିଙ୍ଗ ୟୁଥ କ୍ଲବ ର ୧୮ତମ ବାର୍ଷିକ ଉତ୍ସବ ଆୟୋଜିତ ହେଇଅଛି । କ୍ଲବର ସଭାପତି ଦିପକ କୁମାର ରାଉତ ଙ୍କ ପୌର ହିତ୍ୟ କରିଥିଲେ । ମୁଖ୍ୟ ଅତିଥି ସମଜସେବୀ କାଳୀଚରଣ ଦାସ ଯୋଗଦେଇ ଆନୁଷ୍ଠାନିକଭାବେ କାର୍ଯ୍ୟକ୍ରମ କୁ ଉଦଘାଟନ କରି ଥିଲେ । ସମ୍ମାନୀତ ଅତିଥି ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ରାଉତ, ଯୋଗ ଦେଇ ଆଜିର ସମାଜରେ ଶିକ୍ଷା ସହିତ କ୍ରିଡା ଯୁବପିଢି ପାଇ ନିତ୍ୟାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଆୟଜିତ ଦିବରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଇଥିଲା । ଏହି ଟୁର୍ନାମେଣ୍ଟ ରେ ୬ ଟି ଟିମ ଅଂଶ ଗ୍ରହଣ କରିଥିଲେ । କ୍ଲବ ର ଉପସଭାପତି ଯଗେସ୍ୱର ଜେନା, ସମ୍ପାଦକ ଦିବାକର ରାଉତ, ସହ ସମ୍ପାଦକ ଦୀପକ ଦାସ,କୋଷାଧକ୍ଷ ସୁଧୀର କୁମାର ଦଳାଇ, ଉପ କୋଷାଧକ୍ଷ ଜୀବନ କୁମାର ଦାସ, ସୁଧାଂଶୁ କୁମାର ପ୍ରଧାନ, ବରିଷ୍ଠ ସଭ୍ୟ ମନରଞ୍ଜନ ଦାସ, ରାମକୃଷ୍ଣ ପାତ୍ର, ରାଜକିଶୋର ମହାନ୍ତି, ସୂର୍ଯ୍ୟକାନ୍ତ ଦାସ, କମ ଲ୍ ଲୋଚନ ଦାସ, ପ୍ରଦୀପ ଦାସ, ଦିଲୀପ ଜେନା, ପ୍ରଦୀପ ଜେନା,ନାରାୟଣ ଜେନା,ସଚିନ ଜେନା, ସତ୍ୟଜିତ ନାୟକ,ସୁବେନ୍ଦୁ ମହାନ୍ତି, ଅଭୟ ଦାସ,ସୁଦର୍ଶନ ଜେନା, ତପନ ଜେନା, ରଞ୍ଜିତା ଦାସ, ଭୂମିକା ଦାସ, ପ୍ରିୟଙ୍କା ଜେନା , ସିଧେସ୍ୱର ମହାନ୍ତି ପ୍ରମୁଖ୍ ସହଯୋଗ କରିଥିଲେ । କଳିଙ୍ଗ ୟୁଥ କ୍ଲବ ତରଫରୁ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ନିର୍ମଳା ଭୋଇ ଙ୍କୁ ସମର୍ଧନା କରା ଯାଇଥିଲା । ଦରଡା ଦାଣ୍ଡି ଫାଇନାଲ ରେ ଚାମ୍ପିୟନ ହେଇଥିବା ବେଳେ କଳିଙ୍ଗ କ୍ଲବ ରନର୍ସପ୍ ହେଇଥିଲା। ଶେଷରେ ଧନେଶ୍ୱର ମନ୍ଦିର ତରଫରୁ ହୋଇଥିବା ମହୋତ୍ସବ ରେ ୧୦୦୦ ରୁ ଅଧିକ ଲୋକ ପ୍ରସାଦ ସେବନ କରିଥିଲେ । ଗ୍ରାମ ବାସୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ସଡ଼କ ସୁରକ୍ଷା ଖର୍ଚ୍ଚ ଲକ୍ଷ୍ୟ ପୂରଣ ହେଉନି : ସୂଚନା କମିଶନର କ୍ଷୁବ୍ଧ



ଭୁବନେଶ୍ୱର , ୧୯/୦୨ (ନି.ପ୍ର): ସଡ଼କ ସୁରକ୍ଷା ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ କାମରେ ଲାଗୁନି। ସଡ଼କ ଦୁର୍ଘଟଣା ଜନିତ ଅଘଟଣ ବଢ଼ି ବଢ଼ି ଚାଲିଛି। ଯେଉଁ ଉଦ୍ଦେଶ୍ୟରେ ଏତେ ଟଙ୍କା ଖର୍ଚ୍ଚ ହେଉଛି, ସେ ଉଦ୍ଦେଶ୍ୟ ପୂରଣ ହେଉନି। କୋଟି କୋଟି ଟଙ୍କା ବାଟମାରଣା ହେଉଥିବାରୁ ପରିବହନ କମିସନର ଏ ବାବଦରେ ସୂଚନା ବି ଦେଉନାହାନ୍ତି। ଏନେଇ ଏକ ମାମଲା ସୂଚନା କମିସନରଙ୍କ ପାଖରେ ପହଞ୍ଚିବା ପରେ କମିସନର କ୍ଷୁବ୍ଧ ହୋଇଛନ୍ତି। ସୂଚନା ଅଧିକାର ଆଇନ ସେକ୍ସନ-୪ର ଉପବିଭାଗ(୧)(ଖ) ବଳରେ ସରକାରଙ୍କ ବିଭାଗୀୟ କର୍ତ୍ତୃପକ୍ଷ ନିଜ ଆଡୁ ତଥ୍ୟ ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରିବହନ କମିସନରଙ୍କୁ ସୂଚନା କମିସନର ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ଲକ୍ଷ୍ମଣନାଥ ଚେକ୍‌ଗେଟ୍‌ରୁ ଗିରିଶୋଳା ଚେକ୍‌ଗେଟ୍ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟିବା ସହ ପ୍ରାଣହାନି ହେଉଛି। କେତେକ ପଙ୍ଗୁ ମଧ ହୋଇଯାଉଛନ୍ତି। ସଡ଼କ ନିରାପତ୍ତା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଦୁର୍ଘଟଣା ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଏଣେ ସଡ଼କ ନିରାପତ୍ତା ନେଇ କ'ଣ କ'ଣ କାର୍ଯ୍ୟକ୍ରମ କରାଯାଉଛି, ସେନେଇ ତଥ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉନାହିଁ। ଏ ସଂପର୍କରେ

## ୨୮ ସୁଦ୍ଧା ତଥ୍ୟ ଉପଲବ୍ଧ କରିବାକୁ ଆଦେଶ

ଫଳରେ ସୂଚନା ଅଧିକାର ଆଇନ ବଳରେ କେହି ତଥ୍ୟ ମାଗିବେ ନାହିଁ ବା ଏଭଳି ପରିସ୍ଥିତି ଉପୁଜିବ ନାହିଁ। ଫେବ୍ରୁଆରି ୨୮ ତାରିଖ ସୁଦ୍ଧା କମିସନଙ୍କ ନିକଟରେ ଏ ବାବଦରେ ତଥ୍ୟ ରଖିବାକୁ ବିନାୟକ ରଥ ସୂଚନା କମିସନରଙ୍କ ଦ୍ୱାରସ୍ଥ ହେବା ପରେ ଚଳିତ ମାସ ୨୮ତାରିଖ ସୁଦ୍ଧା ତଥ୍ୟ ଉପଲବ୍ଧ କରାଇବା ପାଇଁ ଆଦେଶ ହୋଇଛି।

ରାଜପଥରେ ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନେବା ପାଇଁ ସରକାରଙ୍କ ପରିବହନ ବିଭାଗ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଓ ପରିବହନ କମିସନର ଉତ୍ତରଦାୟୀ।

ଜାତୀୟ ରାଜପଥରେ ଯେଭଳି ମଦ୍ୟପ ଚାଳକ ଗାଡ଼ି ଚଳାଇବେ ନାହିଁ ତାହା ଉପରେ ନଜର ରଖିବା ଜରୁରୀ। ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରିବା ସହ ଅନ୍-ଫିଟ୍ ଗାଡ଼ି ଯେଭଳି ନ ଚାଲିବ, ତାହା ଉପରେ ନିୟମିତ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ। ବଡ଼ବଡ଼ ଗାଡ଼ିରେ କ୍ଷମତା ଅନୁସାରେ ସାମଗ୍ରୀ କିମ୍ବା ଯାତ୍ରୀ ଯାଉଛନ୍ତି କି ନାହିଁ, ତାହାର ଯାଞ୍ଚ ସହ ଦ୍ରୁତ ଗତିରେ ଗାଡ଼ି ଚାଳନା, ଜାତୀୟ ରାଜପଥର ରକ୍ଷଣାବେକ୍ଷଣ, ରାଜପଥ କଡ଼ରେ ମଦ ବିକ୍ରି ଉପରେ କଟକଣା, ବ୍ଲାକ୍‌ସ୍ପଟ୍‌ରେ ସାଇନ୍‌ବୋର୍ଡ ସହ ସଚେତନତା ବାର୍ତ୍ତା, ସ୍ଥାୟୀ ଏନ୍‌ଫୋର୍ସମେଣ୍ଟ ଟିମ୍ ନିୟୋଜନ, ନିୟମିତ ଦୁର୍ଘଟଣା ଘଟୁଥିବା ସମୟରେ ଗାଡ଼ି ଚାଳନା ଉପରେ କଟକଣା ଉପରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କିନ୍ତୁ ନା ପରିବହନ ବିଭାଗ ନା ଜାତୀୟ ରାଜପଥ କର୍ତ୍ତୃପକ୍ଷ ନା ପରିବହନ କମିସନର, କେହି ଏ ବାବଦରେ ତଥ୍ୟ ରଖୁ ନାହାନ୍ତି। ସେଥିପାଇଁ ଶ୍ରୀ ରଥ ସୂଚନା କମିସନରଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଫେବ୍ରୁଆରି ସୁଦ୍ଧା ଏ ବାବଦରେ ତଥ୍ୟ ଉପଲବ୍ଧ ହେବା ନେଇ ସେ ଆଶାବାଦୀ ଅଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପ୍ରଶାନ୍ତ ମାର୍ଗ...

ଅନେକ ବର୍ଷ ଧରି ଆମେ ଭାରତୀୟମାନେ ବିଶ୍ୱାସ କରି ଆସୁଥିଲେ ଯେ ପେଟ୍ରୋଲ ଓ ଡିଜେଲ ଭଳି ଆମେ ଏକ ଦେଶ ଭାବରେ ପ୍ରତିରକ୍ଷା ସାମଗ୍ରୀଗୁଡ଼ିକ ମଧ ବିଦେଶରୁ ଆମଦାନୀ କରୁଥିବା । ଆମ ସରକାରଙ୍କର କ୍ୱଚିତ୍ ସାହସ ଥିଲା ରାଜନୀତିକ ଦୃଷ୍ଟିକୋଣ ସହିତ ପ୍ରତିରକ୍ଷା ସାମଗ୍ରୀକୁ ସଂଯୁକ୍ତ କରିବାର । ତେଣୁ ପ୍ରଧାନମନ୍ତ୍ରୀ ମୋଦୀ ଯେତେବେଳେ ଏହାକୁ ତାଙ୍କ ଦ୍ୱାରା ଘୋଷିତ 'ଆତ୍ମନିର୍ଭର ଭାରତ' ଏବଂ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମଗୁଡ଼ିକ ସହିତ ସଂଯୁକ୍ତ କରି ପ୍ରତିରକ୍ଷା ସାମଗ୍ରୀଗୁଡ଼ିକର କ୍ରୟ ବାବଦକୁ ବ୍ୟୟ ହେଉଥିବା ଡଲାରର ବର୍ହିଗମନକୁ ହ୍ରାସ କଲେ, ଆମର ସେନାବାହିନୀକୁ ଆତ୍ମନିର୍ଭର କଲେ ଏବଂ ଏକ ଚଳଚଞ୍ଚଳ ଘରୋଇ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଉଦ୍ୟୋଗ ସୃଷ୍ଟି କଲେ, ସେତେବେଳେ ସେ ଯେ ଅବଶ୍ୟ ଏକ ସାହସିକ ପଦକ୍ଷେପ ନେଲେ, ଏଥିରେ କଦାଚିତ୍ କେହି ଦ୍ୱିମତ ହେବେ । ପୁନଶ୍ଚ, ଏହି ସାହସିକ ସ୍ୱପ୍ନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ଅଧୀନରେ ଆହୁରି ବଳିଷ୍ଠ ହୋଇ ଚାଲିଛି, ଯାହା ଉତ୍ତମ ପ୍ରତିରକ୍ଷା ଏବଂ ଆର୍ଥିକ କୌଶଳକୁ ସନ୍ନିବେଶିତ କରିବା ସଙ୍ଗେ ସଙ୍ଗେ ପାଦେ ଆଗକୁ ଆଗେଇ ଯାଇ ଭାରତକୁ ବିଶ୍ୱରେ ଏକ କ୍ରମବର୍ଦ୍ଧନଶୀଳ ଶକ୍ତି ଏବଂ ବଳ ଭାବରେ ଘୋଷଣା କରିବାର ସାହସ ଜୁଟାଇ ପାରିଛି । ବିଗତ ପାଞ୍ଚ ବର୍ଷ ମଧ୍ୟରେ ଭାରତର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ ଛଅ ଗୁଣ ବୃଦ୍ଧି ପାଇ ୧.୫ ବିଲିଅନ ଡଲାରରେ ପହଞ୍ଚିଛି । ଏହାକୁ ଅଧିକ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ୨୦୨୪-୨୫ ସୁଦ୍ଧା ୫ ବିଲିଅନ ଡଲାରର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଉଦ୍ଦେଶ୍ୟମୂଳକ ଭାବରେ ହେଉ ବା ନହେଉ, ଯଦିଓ ଲକ୍ଷ୍ୟଭୁକ୍ତ ଆର୍ଥିକ ପରିମାଣ ୨୦୨୪ର ସାଧାରଣ ନିର୍ବାଚନ ସହିତ ମେଳ ଖାଇ ଯାଉଛି, ତେବେ ୨୦୨୩ ଏରୋ ଇଣ୍ଡିଆ ଏହି ଲକ୍ଷ୍ୟ ହାସଲ ପାଇଁ ଯେ ଏକ ଉପଯୁକ୍ତ ମଞ୍ଚ ପ୍ରସ୍ତୁତ କରି ପାରିଛି, ତାହା କୁହାଯାଇପାରେ । ଏଠାରେ ଯଥେଷ୍ଟ ଗୁରୁତ୍ୱାରୋପ କରିବାର କଥା ହେଉଛି, ଗୋଟିଏ ପକ୍ଷରେ ଯେ କୌଣସି କ୍ଷେତ୍ରରେ ଘରୋଇ ଉଦ୍ୟୋଗକୁ ସୁରକ୍ଷା ପ୍ରଦାନ କରିବା ସହିତ ଲାଳନପାଳନ କରିବା ପାଇଁ ଯେ କୌଣସି ପଦକ୍ଷେପ ନେବା ସ୍ୱାଗତଯୋଗ୍ୟ ହୋଇଥିବା ବେଳେ ଏହା କେବଳ ସେତିକି ବେଳେ ହିଁ ଅଧିକ ପ୍ରଶଂସନୀୟ ହେବ, ଯେତେବେଳେ ଏହା ଅସୁସ୍ଥ ଭାବରେ ସୁରକ୍ଷାବାଦୀ ହୋଇ ନଥିବ ଏବଂ ପ୍ରତିଯୋଗିତା ପାଇଁ ଦ୍ୱାର ଉନ୍ମୁକ୍ତ ରଖୁଥିବ । ଏହା ମଧ ଘରୋଇ ଉଦ୍ୟୋଗମାନଙ୍କୁ ସଙ୍କେତ ପ୍ରଦାନ କରୁଛି ଯେ ଏହି ସୁରକ୍ଷା କ୍ଷଣସ୍ଥାୟୀ ଏବଂ ଏହା ସେମାନଙ୍କୁ କମ୍ ସମୟ ମଧ୍ୟରେ ବିଶ୍ୱଶ୍ରେଣୀୟ ମାନ ହାସଲ କରିବା ନିମନ୍ତେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଛି । ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି, ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କ୍ଷେତ୍ର ପ୍ରଥମ ଦିନରୁ ହିଁ ଆମର ବୀର ଯବାନ୍ ?ମାନଙ୍କୁ ବିଶ୍ୱଶ୍ରେଣୀୟ ଉତ୍ପାଦ ଓ ସେବା ପ୍ରଦାନ କରିବା ଉଚିତ । ଏଥିରେ କୌଣସି ଦ୍ୱିମତ ନାହିଁ ଯେ ଆମର ପ୍ରତିରକ୍ଷା ବାହିନୀ ବିଶ୍ୱର ସର୍ବୋତ୍କୃଷ୍ଟଙ୍କ ମଧ୍ୟରେ ରହିଛନ୍ତି ଏବଂ ସେମାନେ ସମସ୍ତ ଦିଗରୁ ଉତ୍କୃଷ୍ଟ ଜିନିଷ ପାଇବାର ହକଦାର- ତାହା ଅସ୍ତ୍ରଶସ୍ତ୍ର, ଯୁଦ୍ଧ ସରଞ୍ଜାମ ବ୍ୟବସ୍ଥା ଏବଂ ଜ୍ଞାନକୌଶଳ ହେଉ କି ଯେ କୌଣସି ସାମଗ୍ରୀ ସେମାନେ ବ୍ୟବହାର କରୁଛନ୍ତି, ତାହା ଯେତେ ଛୋଟ ଜିନିଷଟିଏ ହେଉ ପଛକେ– ଏମିତିକି ସେମାନେ ଯେତେବେଳେ ଦେଶର ସୀମାରେ ରହି ଆମକୁ ସୁରକ୍ଷା ପ୍ରଦାନ କରୁଛନ୍ତି, ସେତେବେଳେ ସେମାନେ ପରିଧାନ କରୁଥିବା ଜୋତାର ମୋଜା ହଲେ ବି ହେଉ । ସୁଖର କଥା ଯେ ପ୍ରତିରକ୍ଷା ମନ୍ତ୍ରୀ ନିକଟରେ ଉପରୋକ୍ତ ମଞ୍ଚରେ ଏହା ଉପରେ ଧ୍ୟାନ ଦେଇଛନ୍ତି । ଘରୋଇ ପ୍ରତିରକ୍ଷା ଉଦ୍ୟୋଗ ନିମନ୍ତେ ବଜେଟ କୋଟାକୁ ୬୮ ପ୍ରତିଶତରୁ ୭୫ ପ୍ରତିଶତକୁ ବୃଦ୍ଧି କରାଯିବା ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଥବା ବେଳେ ଏହି ଉଦ୍ୟୋଗ ମଧ୍ୟ ପ୍ରାୟ ୧.୬୩ ଲକ୍ଷ କୋଟି ଟଙ୍କାର ଆଶ୍ୱସ୍ତ ବ୍ୟୟକୁ ଆମର ସେନାବାହିନୀ ନିମନ୍ତେ ସର୍ବୋତ୍କୃଷ୍ଟ ସାମଗ୍ରୀ ପ୍ରଦାନ କରିବା ପାଇଁ ଏକ ଆହ୍ୱାନ ଭାବରେ ଗ୍ରହଣ କରିବା ଆବଶ୍ୟକ । ଏରୋ ଇଣ୍ଡିଆ ପ୍ରଦର୍ଶନୀର 'ବନ୍ଧନ' ଉତ୍ସବରେ ଶ୍ରୀଯୁକ୍ତ ରାଜନାଥ ସିଂହ ଏହି ନିଷ୍ପତ୍ତି ଏକ 'ଅଭୂତପୂର୍ବ ପଦକ୍ଷେପ' ବୋଲି ଯଥାର୍ଥରେ କହିଛନ୍ତି । ଉଲ୍ଲେଖନୀୟ ଭାବରେ ସେ ମଧ ପ୍ରଧାନମନ୍ତ୍ରୀଙ୍କ 'ଭାରତରେ ତିଆରି କର, ବିଶ୍ୱ ପାଇଁ ତିଆରି କର' ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏଥିରେ ସନ୍ଦେହ ନାହିଁ ଯେ ଉତ୍ପାଦର ଗୁଣାତ୍ମକ ମାନ ସହିତ କୌଣସି ପ୍ରକାରର ବୁଝାମଣା କରା ନଯିବା ସଙ୍ଗେ ସଙ୍ଗେ ଅତ୍ୟାଧୁନିକ ବା କଟିଂ-ଏଜ୍ ନବଉଦ୍ଭାବନର ବିଶ୍ୱ ବଜାରରେ ଢେର୍ ଚାହିଦା ରହିବ । ଦୀର୍ଘ କାଳ ଧରି ଆମେ ଆମର ସେନାବାହିନୀ ନିମନ୍ତେ ଅସ୍ତ୍ରଶସ୍ତ୍ର ବା ଯୁଦ୍ଧ ସରଞ୍ଜାମଗୁଡ଼ିକର ଆମଦାନୀ କରି ଆସିଛେ । ସମୟ ଉପଗତ ହୋଇଛି, ଆମେ ନିଜ ନିର୍ମିତ ଅସ୍ତ୍ରଶସ୍ତ୍ରରେ ସେନାଙ୍କୁ ସୁସଜ୍ଜିତ କରି ବିଶ୍ୱ ସମ୍ମୁଖରେ ଆମ ଦେଶକୁ ଏକ ବିକଶିତ ରାଷ୍ଟ୍ରର ପରିଚୟ ପ୍ରଦାନ କରିବା ଉଚିତ । ଏଥପାଇଁ ମାର୍ଗ ପ୍ରଶସ୍ତ କରାଯାଇ ସାରିଛି ।

# ଓଡିଶା : ଧନକୁବେରଙ୍କ ହସ୍ତମୁଦିମାହାର



ମାୟାଧର ନାୟକ

ଗଞ୍ଜାମବାସୀଙ୍କୁ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଟାଟା କମ୍ପାନୀକୁ ମାଗଣାରେ ଗୋପାଳପୁର ଶୀତଳାପଲ୍ଲୀ ଠାରେ ଜମି ୨୦୧୪ରେ ଯୋଗାଇ ଦେଇଥିଲେ । ଦୀର୍ଘ ୮ ବର୍ଷ ହେଲା ସେ ଜମିରେ ଟାଟା କୋଠାବାଡି, ହସ୍‌ପିଟାଲ ପାଇଁ ଯନ୍ତ୍ରପାତି ସ୍ଥାପନ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ହସ୍‌ପିଟାଲ ଆଦୌ କାର୍ଯ୍ୟକାରୀ ହୋଇନି । ଏବେ ତାକୁ ବିକ୍ରି କରିଦେବା ବିଜ୍ଞାପନ ଓଡିଶାବାସୀଙ୍କ ପ୍ରତି ଟାଟାର ବୃଦ୍ଧାଙ୍ଗୁଷ୍ଠପ୍ରଦର୍ଶନ ପୂର୍ବକ ଟିଟ୍‌କାର୍ ବୋଲି ଧରିନେବାକୁ ହେବ । ଟାଟାର ଠକେଇ କେବଳ ଗଞ୍ଜାମରେ ନୁହେଁ – ମୟୁରଭଞ୍ଜ - ବାଦାମପାହାଡ, ଗୋରୁମହିଷାଣି, ସୁଲେଇପାଟ ଲୁହାପଥର ଖଣି, ସୁକିନ୍ଦାରୁ କ୍ରୋମାଇଟ୍, ବଡବିଲ୍-ଯୋଡାରୁ ଲୁହାପଥର, ତାଳଚେର-ଅନୁଗୁଳ-ସମ୍ବଲପୁରରୁ କୋଇଲା ଖଣିଖାଦାନରୁ କଞ୍ଚାମାଲ ହାତେଇ ଲକ୍ଷ ଲକ୍ଷ କୋଟି ଟଙ୍କା ଲାଭର ପାହାଡ ସୃଷ୍ଟିକରି ଜାମସେଦ୍‌ପୁର ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରିଛି । ପ୍ରତିଦାନରେ ଓଡିଶାବାସୀ ପାଇଛନ୍ତି କ'ଣ ? ଖାଲି ଧୂଳି, ଧୂଆଁ, ପାଉଁଶର ପିଣ୍ଡୁଳା, ବିଷଭସ୍ମର ବିଭୀଷିକା, ଅଙ୍ଗାରକାମ୍ଳର ଆଘ୍ରାଣ, ଶରୀର କ୍ଷୟକାରୀ ମୁର୍ମୁହୁଃ ମାରାତ୍ମକ ରୋଗର ପ୍ରକୋପ, ପ୍ରଦୂଷଣ ସମେତ ମୁନାଫାମୁଖୀ ସର୍ବଗ୍ରାସୀ ଶିଳ୍ପଦାନବଦତ୍ତ ଅପ୍ରତ୍ୟାଶିତ ଛଟେଇ, ଅସ୍ପୃରଣୀୟ ବେକାରୀ, ବିସ୍ଥାପନ, ବିପର୍ଯ୍ୟୟ ଇତ୍ୟାଦି କେତେ କେତେ ଅମାନୁଷୀକ ମହାସମସ୍ୟା ସଂକଟସମ୍ବଳିତ ଜୀବନହାନୀକାରକ ଉତ୍କଟ ଉପହାର । ଏବେ କେବଳ ଗଞ୍ଜାମରେ ନୁହେଁ, ସୁକିନ୍ଦା, କଳିଙ୍ଗନଗର, କେଉଁଝର, ମୟୁରଭଞ୍ଜ, ସୁନ୍ଦରଗଡ, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର ଅଞ୍ଚଳରେ ଟାଟା କମ୍ପାନୀ ଦ୍ୱାରା ନିର୍ଯାତିତ, ଶୋଷିତ, ଅତ୍ୟାଚାରିତ, ବିସ୍ଥାପିତ ମଣିଷ ମନରେ ଅଶାନ୍ତି-ଅସନ୍ତୋଷର ଅଦମ୍ୟ ଅନଳ ପ୍ରଜ୍ୱଳିତ ହେବାରେ ଲାଗିଛି । କେତେବେଳେ ଯେ କରାଳ ଭୂମିକମ୍ପ ଭଳି ବିସ୍ଫୋରଣ ନ ଘଟିପାରେ କିଏ କହିବ !

ଟାଟା କମ୍ପାନୀ ଲୁଣଠୁ ଉଡାଜାହାଜ ବିକ୍ରି କରି ସାରା ବିଶ୍ୱରେ ଜଣାଶୁଣା ଧନୀ । କିନ୍ତୁ ଟାଟା କମ୍ପାନୀ ଯେ - ନିର୍ଦ୍ଧୁମ ଠକୁଛି ଏକଥା ଏବେ ଏବେ ଦିନକୁଦିନ ଧରାପଡିବାରେ ଲାଗିଛି । ଟାଟାର ଟଙ୍କା ପଛରେ ଟିଙ୍କ ଭଳି ଅଧିକାଂଶ ନେତା, ବିଧାୟକ, ମନ୍ତ୍ରୀ, ଅଫିସର, ଗୁଣ୍ଡାବାହିନୀ ସମସ୍ତେ ନୁଙ୍ଗୁପୁଙ୍ଗୁ । ଜାତୀୟ ଓ ଆଞ୍ଚଳିକ ରାଜକୋଷକୁ କିଭଳି ଟାଟା ହସ୍ତେ ଟେକିଦିଆଯାଇଛି - ଯାଉଛି, ତାହାର ସଦ୍ୟତମ ଉଦାହରଣ – ଗୋପାଳପୁର ଟାଟା ସୁପର ସ୍ପେଶାଲିଟି ହସ୍‌ପିଟାଲ ବିକ୍ରି ହେବାପାଇଁ ବିଜ୍ଞାପନ - ପ୍ରସ୍ତୁତିପର୍ବ ଆରମ୍ଭ । ଯାହା ଜଣାପଡୁଛି ଗୌତମ ଆଦାନୀ ପଛରେ ଟାଟା କମ୍ପାନୀ ଦ୍ରୁତଗତିରେ ଧାଉଁଛି ।

ଟାଟା କମ୍ପାନୀ ଦେଶବିଦେଶରେ ବେପାରବଣିଜ ବଜାୟ ରଖିଆସିଛି, ବିତ୍ତବର୍ଦ୍ଧୀ ବପୁଶାଳୀ ବ୍ୟବସାୟର ବିସ୍ତାରବାଦୀ ଚକ୍ରଚାଳନା ଚାଲୁରହିଛି । ୧୯୦୭ ମସିହାରୁ ଟାଟା ଆଇରନ୍ ଏଣ୍ଡ୍ ଷ୍ଟିଲ୍ କମ୍ପାନୀ ରେଜିଷ୍ଟର୍ ହୋଇଥିଲା । ୧୯୨୪ ପର୍ଯ୍ୟନ୍ତ ତା ବ୍ୟବସାୟରେ କେହି ହସ୍ତକ୍ଷେପ କରିନଥିଲେ । ୧୯୧୮ରେ ସୁବାଷ ଚନ୍ଦ୍ର ବୋଷ ଟାଟା ଷ୍ଟିଲକୁ ଭାରତୀୟକରଣ କରିବାପାଇଁ ଦାବି କଲେ । ୧୯୨୫ରେ ନ୍ୟୁୟ ରେଲ୍ ମିଲ୍, ମାର୍ଚେଣ୍ଟ୍ ମିଲ୍, ଷ୍ଟିଲ୍ ମିଲ୍, ଆରମ୍ଭ କରିବାବେଳେ ମହାତ୍ମାଗାନ୍ଧୀ, ଚିତ୍ତରଞ୍ଜନ ଦାସ ଓ ସି.ଏଫ୍. ଆଣ୍ଡ୍ରୁଜ୍ ଜାମସେଦପୁର ଯାଇ ଜେଆରଡି ଟାଟା ସହିତ ଶ୍ରମିକ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ ।

୨୦୦୭ରେ ଭିଏତ୍‌ନାମାରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରିଥିଲା । ୨୦୧୬ରେ କଳିଙ୍ଗନଗରରେ ଟାଟାଷ୍ଟିଲ୍ ବ୍ୟବସାୟୀକ ଉତ୍ପାଦନ କରୁଛି । ସେଇ ୨୦୧୬ରେ ଟାଟାଷ୍ଟିଲ୍ ଗୋପାଳପୁରରେ ଫେରୋକ୍ରୋମ୍‌ପ୍ଲାଣ୍ଟ ଉଦ୍‌ଘାଟନ କରିଥିଲା । ୨୦୧୭ରେ ଟାଟାଷ୍ଟିଲ୍ କଳିଙ୍ଗନଗରରେ ଦେଶର ବୃହତ କୋକ୍ ଡ୍ରାଗ୍ ଖିଚିଂ ପ୍ଲାଣ୍ଟ୍ ପ୍ରତିଷ୍ଠା ହୋଇଛି । ୨୦୧୮ରେ ଓଡିଶା ସରକାରଙ୍କ ବ୍ରାହ୍ମଣୀପାଲ୍ ଫେରୋକ୍ରୋମ୍ କାରଖାନାକୁ ଶାଗମାଛ ମୂଲ୍ୟରେ ପୁରା କିଣିନେଇଛି । ଏହି ଅନ୍ୟାୟ ରାଜ୍ୟ ସ୍ୱାର୍ଥ ବିରୋଧୀ କିଣାବିକା ବିରୁଦ୍ଧରେ ଏ ଅଧିନ ଉଚ୍ଚନ୍ୟାୟାଳୟରେ ମକଦ୍ଦମା କରିଥିଲେ । ଟାଟା କମ୍ପାନୀ ମୋ ବିରୁଦ୍ଧରେ ବମ୍ବେ ହାଇକୋର୍ଟରେ ମକଦ୍ଦମା କଲେ । ମୁଁ ଟାଟାକୁ ଜଣାଇଦେଲି ମକଦ୍ଦମାରେ ଗୋଟିଏ ଟଙ୍କା ଖର୍ଚ୍ଚ କରିପାରିବିନି । ମତେ ଯଦି ଜେଲ୍ ହୋଇଯାଏ ମୁଁ ରାଜି । ଆଉ ଟାଟା ଆଗକୁ ଆଗେଇଲା ନାହିଁ । ପୁଣି ସେଇ ଟାଟା ୨୦୧୮ରେ ଭୂଷଣ ଷ୍ଟିଲ୍ ଲିମିଟେଡକୁ ଅଧା-ଅଧା ଯୁଗ୍ମ ମାଲିକାନାରେ ଚଳାଇଛି । ଏ ସବୁ ହିସାବ ୨୦୧୮ ମସିହାର । ୨୦୧୯-୨୦-୨୧-୨୨-୨୩-୨୪ ପାଖାପାଖି ୫ ବର୍ଷର ଟାଟା ସମ୍ପତ୍ତି ହିସାବ ଆମ ପାଖରେ ନାହିଁ ।



ହୁଏତ ଟାଟାର ସୂର୍ଯ୍ୟାସ୍ତହୀନ ଶିଳ୍ପ ସାମ୍ରାଜ୍ୟଭୁକ୍ତ ସମ୍ପତ୍ତିର ହିମାଳୟ ପର୍ବତ ଦେଖି ଆପଣମାନଙ୍କର ଆଖିଖୋସି ହୋଇଯାଉଥିବ । ଦେଶ ବିଦେଶରୁ ବୁଦ୍ଧିଆ କର୍ମଚାରୀ, ଅଫିସର, ଇଂଜିନିୟର, କାରିଗରମାନଙ୍କୁ ମୋଟା ଅଙ୍କରେ ଟଙ୍କା ଓ ସୁବିଧା ସୁଯୋଗ ଦେଇ ମୁଣ୍ଡ କିଣିନେଇଛି । ଜାତିର ପିତା ମହାତ୍ମା ଗାନ୍ଧୀ ମଧ ଟାଟା ବିରଳାଙ୍କ ଟଙ୍କାରେ ସ୍ୱାଧୀନତା ଆନ୍ଦୋଳନ ଚଳାଇଥିଲେ । ଓଡିଶାରୁ ଉତ୍କଳମଣୀ ଗୋପବନ୍ଧୁ ଦାସ ବିରୋଧ କରିଥିଲେ । ଏବେ ଟାଟାର ଏ ଟିଟ୍‌କାର୍‌କୁ ବିରୋଧ କରିବା ଲୋକ ବିଦେଶରେ କି ଦେଶରେ ନାହାଁନ୍ତି । ଜାମସେଦପୁରରେ ଶ୍ରମିକନେତା ଅବଦୁଲ୍‌ବାରୀଙ୍କୁ ହତ୍ୟା କରାଗଲା । ଏଇ ଓଡିଶାରେ ଟିସ୍‌କୋସୁକିନ୍ଦା ଖଣିରେ ଶ୍ରମିକଙ୍କ ନାର୍ଯ୍ୟଦାବିନେଇ ଆନ୍ଦୋଳନ କରୁଥିବାବେଳେ ଆମ ୟୁନିୟନର ଶ୍ରମିକନେତା ଶ୍ୟାମାପଦ ରାଉତଙ୍କୁ ଭଡାଟିଆ ଗୁଣ୍ଡାବାହିନୀ ଦ୍ୱାରା ଦିନଦ୍ୱିପହରରେ ହତ୍ୟା କରିଦିଆଗଲା । ସେ ବିଚାର ୩୦ ବର୍ଷ ହେଲା ସିବିଆଇ କରୁଛି ଯେ କରୁଛି - ଏ ପର୍ଯ୍ୟନ୍ତ ହତ୍ୟାକାରୀକୁ ଧରିପାରୁନି । ଧନ୍ୟରେ ସିବିଆଇ ।

ଆମ ଓଡିଶା ଓ ସାରା ଭାରତରେ ଏବେ ବିଜୁଳି ଉପରେ ନଜର । ଟାଟା ପାୱାର ଗରିବଗୁରୁବାଙ୍କୁ ଲୁଟୁଛି ? ଟାଟା ଯେଉଁ ଡିଜିଟାଲ୍‌ମିଟରବୋର୍ଡ ଘରେଘରେ ଲଗାଉଛି – ସେଥିରେ ଓଡିଶା ସରକାରଙ୍କ ବିଲ୍ ଅପେକ୍ଷା ବହୁଗୁଣ ଅଧିକ ଆସୁଛି । ଟାଟାମିଟରବସାଇ ମିଟରପିଛା ୩୦ପଇସା ବଢାଇଦେଇଛି । ଆହୁରି ବଢାଇବ ବୋଲି ଧମକ ଦେଲାଣି । ତା'ହେଲେ କେବଳ ଓଡିଶା ନୁହେଁ ସାରା ଭାରତରେ ଯେଉଁମାନେ ବିଜୁଳି ବ୍ୟବହାର କରୁଛନ୍ତି ସମସ୍ତଙ୍କ ଉପରେ ବୋଝ ଉପରେ ନଳିତା ବିଡା । ଏକୁ ତୁରନ୍ତ ପଇଠ ନ କରିପାରିଲେ ବିଜୁଳିକାଟିଦେବାକୁ କିନ୍ନରପେଶୀ, ଗୁଣ୍ଡାମାନଙ୍କୁ ପଠାଇ ଧମକଚମକ ଦେଉଛି । ଏସବୁ କାର୍ଯ୍ୟରେ ସରକାରୀ ବିଜୁଳି ବିଭାଗ କର୍ମଚାରୀ, ଅଫିସରମାନେ ଯେପରି ଟାଟାର ଆଜ୍ଞାବହ ପାଲଟିଯାଇଛନ୍ତି । ଆମେ ବିଜୁଳି ନ ଜାଳି ପୁଣି ସେଇ ଦୀପ, ଡିବି, ଲଣ୍ଠନ ଯୁଗକୁ ଫେରିଯିବା କି ?

ଯେଉଁଦିନଠୁ ଜାମସେଦ୍‌ଜୀଟାଟା ଠୁ ରତନ୍‌ଟାଟା ପର୍ଯ୍ୟନ୍ତ ଆମ ଓଡିଶାରୁ ଲୁହାପଥର ନେଇ ଜାମସେଦପୁରରେ ଇସ୍ପାତ କାରଖାନା କଲେ – ୧୭ ବର୍ଷତଳେ କଳିଙ୍ଗନଗର ଗୁଳିକାଣ୍ଡ ଘଟାଇ ସଂଖ୍ୟାଗରିଷ୍ଠ ନେତା, ମନ୍ତ୍ରୀ, ବିଧାୟକ, ଅଫିସରଙ୍କୁ ବକ୍‌ରି ବନାଇ ହାଟବଜାରରେ ବିକ୍ରି କରିଦେଇ ଟାଟାଷ୍ଟିଲ୍‌ପ୍ଲାଣ୍ଟ କଳିଙ୍ଗନଗର ଆଦିବାସୀଙ୍କ ଭିଟାମାଟି ଉପରେ ଗଢିଉଠିଲା । ଅଧିକାଂଶ ବାସହରା ହୋଇ ଚାକିରୀବାକିରୀ ନପାଇ ଏବେ ଅନ୍ଧଗଳିର ଅନାଥ ପଟୁଆରରେ ସାମିଲ । ଟାଟାକମ୍ପାନୀର ଅନ୍ୟାୟ ବିରୁଦ୍ଧରେ ନା ସରକାର, ନା ନେତା କେହି ପାଟି ଫିଟାଉନାହାଁନ୍ତି । ଅଧିକାଂଶଙ୍କୁ ବୋଦା, ଖାସି, ମାଇଛେଳି ମେଣ୍ଢା ବନାଇବା ପ୍ରକ୍ରିୟା ଏବେବି ଆଗଠୁ ଆହୁରି ପ୍ରଖର ଭାବରେ ଚାଲୁ ରହିଛି । ଟାଟା କମ୍ପାନୀର ଅଭାବଅନାଟନ ପାଇଁ ସିନା ଗୋପାଳପୁର ହସପିଟାଲ ବିକିବାକୁ ଯାଉଛନ୍ତି ? ସୁକିନ୍ଦା, ସାରୁଆବିଲ୍, କମର୍ଦ୍ଧା ଖଣି, କଳିଙ୍ଗନଗର ଷ୍ଟିଲପ୍ଲାଣ୍ଟ, ବ୍ରାହ୍ମଣୀପାଳ ଚାର୍ଜକ୍ରୋମ୍‌ପ୍ଲାଣ୍ଟ୍ ପ୍ରମୁଖ ଶ୍ରମିକ, କର୍ମଚାରୀ ଓ ଆଦିବାସୀ, ଦଳିତବର୍ଗ ବିସ୍ଥାପିତମାନଙ୍କ ସରକାରୀ ନିୟମାନୁଯାୟୀ ପ୍ରାପ୍ୟ ପାଉଣା ଏପର୍ଯ୍ୟନ୍ତ ଠକିଚାଲିଥିବା ଲକ୍ଷ ଲକ୍ଷ କୋଟି ଟଙ୍କା ପଇଠ କରିବାପାଇଁ କଳିଙ୍ଗନଗର ଷ୍ଟିଲ୍‌ପ୍ଲାଣ୍ଟ୍ ବିକିବ ନାହିଁ କି? ଦେଶର ଶ୍ରମଜୀବୀଙ୍କ ବକେୟା ପାଉଣା ଦେବାପାଇଁ ଜାମ୍‌ସେଦପୁର ଷ୍ଟିଲ୍ ପ୍ଲାଣ୍ଟ୍ କେବେ ବିକ୍ରି କରିବ ?

ଏବେ ଆଦାନୀ ବିରୁଦ୍ଧରେ ସାରା ବିଶ୍ୱରୁ ଝଡ ଉଠିଛି । ପରେ ପରେ ଟାଟା – କ'ଣ କରିବେ ମୋଦି ? କିଂକର୍ତ୍ତବ୍ୟମୂଢ ! ବେଳ ଥାଉଥାଉ - ହେ - ଟିସ୍କୋ - ସୁଧୁରି ଯା – ଶୀଘ୍ର ଗୋପାଳପୁରରେ ବିକ୍ରି ବନ୍ଦ କରି ସୁପର ହସପିଟାଲ୍ କାର୍ଯ୍ୟକ୍ଷମ କର । ୨୦୨୩ ମସିହାରେ ବିଶ୍ୱର ଦୁଇନମ୍ବରଧନୀ ଗୌତମଆଦାନୀ କମ୍ପାନୀଙ୍କ ଅବସ୍ଥାକୁ ଟିକେ ନଜର ପକା । ଏ ଅଧମ ତମ ବିରାଟ ସାମ୍ରାଜ୍ୟ ବେଲୁନ୍‌ରେ ପିନ୍‌କଣ୍ଟାଟିଏ ଫୋଡିଦେଇଛି । ଆଉ ଅନେକ ଅଧମ ଦେଶ ତଥା ରାଜ୍ୟରେ ଆଜି ତ ଜମିଗଲେଣି, କାଲି ନିଶ୍ଚୟ ଜାଗି ଉଠିବେ ଜନତା । ଅନ୍ୟ ପାପୀମାନଙ୍କ ବେଲୁନକୁ ଫଟେଇଦେବେ । ଏବେ ଚିନ୍ତାକର - ନହେଲେ ଟାଟାକମ୍ପାନୀ ତୁମ ଛଇଛାଡିଯିବ ଛକେ ଛକେ – ଛ'ଦିନକେ । ପ୍ରଥମେ ଗଞ୍ଜାମ ଜିଲ୍ଲାରେ ଦଳମତନିର୍ବିଶେଷରେ ଜନଗଣ ଐକ୍ୟବଦ୍ଧ ହୋଇ ଟାଟା ହଟାଅ ଆନ୍ଦୋଳନ ଗଢିତୋଳନ୍ତୁ । ପରେ ପରେ ସାରା ଓଡିଶାରେ ବିରାଟ ଆନ୍ଦୋଳନ ଗଢିଉଠିବ । 'ସବୁ ଶୋଷକ, ପୁଞ୍ଜିପତି ହଟାଅ - ଓଡିଶା ବଞ୍ଚାଅ' ନାରା ପ୍ରକମ୍ପିତ ହେବ । ଦେଶୀବିଦେଶୀ ଧନକୁବେରଙ୍କ ଚକବନ୍ଦୀ ଚରାଭୂଇଁ ଚକ୍‌କରରୁ ଓଡିଶା ମା'କୁ ଉଦ୍ଧାର କର – ହେ ଦେଶପ୍ରେମୀ ! ଦୁର୍ବାର ସନ୍ତାନଦଳ !! ଉଠ କଙ୍କାଳ, ମାତ କାଙ୍ଗାଳ, ଜାଗ ଦୁର୍ବଳ ଆଜି !!!

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ପ୍ରଶାସନ ମାନୁଛନ୍ତି କି ?



ସୁବ୍ରତ କର

ରାଜ୍ୟର ମୁଖ୍ୟମନ୍ତ୍ରୀ ହିସାବରେ ସେ ନିଶ୍ଚୟ ଚାହିଁବେ ତାଙ୍କ ରାଜ୍ୟ ସବୁ କ୍ଷେତ୍ରରେ ଏକ ନମ୍ବର ରହୁ । ଖାଲି ସେ ଏକ ନମ୍ବର ମୁଖ୍ୟମନ୍ତ୍ରୀ ହେଲେ ରାଜ୍ୟର ବା ଜନସାଧାରଣଙ୍କର ବିଶେଷ କିଛି ଫରକ ପଡ଼ିବ ନାହିଁ । ଏବେ ଏବେ ରାଜ୍ୟରେ ଜିଲ୍ଲାର କଲେକ୍ଟରମାନଙ୍କ ରାଜ୍ୟସ୍ତରୀୟ ଦୁଇଦିନିଆ ବୈଠକ ହୋଇଥିଲା । ଏହା ପ୍ରତିବର୍ଷ ହୁଏ ଏବଂ ଏ ବର୍ଷ ମଧ ହେଲା । କଲେକ୍ଟର ମାନେ ମୁଖ୍ୟମନ୍ତ୍ରୀଙ୍କଠାରୁ ଯେଉଁ ଯେଉଁ ପରାମର୍ଶ ପାଇଲେ ତାକୁ କାର୍ଯ୍ୟକ୍ଷମ କରିବା ପାଇଁ କେତେଦୂର ଚେଷ୍ଟିତ ହେବେ ? ପ୍ରଥମ ପରାମର୍ଶ ହେଲା ଜିଲ୍ଲା ପ୍ରଶାସନ ହେଉ ବା ରାଜ୍ୟ ପ୍ରଶାସନରୁ ପ୍ରତିନିଧିତ୍ୱ କରୁଥିବା ଦାୟିତ୍ୱବାନ ସରକାରୀ ଅଫିସରମାନେ ରାଜ୍ୟର ସାଧାରଣ ଜନତା ସହିତ ମିଶିବେ, ସେମାନଙ୍କ ଦୁଃଖ କଷ୍ଟ ବୁଝିବେ ଏବଂ ଆଇନ ପରିସର ମଧ୍ୟରେ ରହି ସେମାନଙ୍କୁ ସରକାରୀ ସାହାଯ୍ୟର ବ୍ୟବସ୍ଥା କରିବେ । ଏହା ସତରେ କଣ ହେଉଛି କି ? ନିୟମ ମଧ ରହିଛି, ସବୁ ମନ୍ତ୍ରୀ ଏବଂ ସଚିବ ମାନଙ୍କୁ ଜିଲ୍ଲା ବଣ୍ଟା ହୋଇଛଇ । ଖୁବ୍ କମରେ ସେମାନେ ସେହି ଜିଲ୍ଲାକୁ ଅନ୍ତତଃ ମାସରେ ଥରେ ଆସିବେ ଲୋକଙ୍କ କଥା ବୁଝିବେ, ପ୍ରଶାସନ ସହିତ ମିଶିବେ ଏବଂ ଆଇନ ମୁତାବକ ନ୍ୟାୟ, ଅନ୍ୟାୟର ବିଚାର କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେବେ । ଏହା କଣ ସତରେ ଘଟୁଛି ? ମନ୍ତ୍ରୀମାନେ ହୁଏତ ଜିଲ୍ଲା ଗସ୍ତ କରିଥିବେ, ସଚୀବମାନେ ମଧ, କିନ୍ତୁ ତାଙ୍କର ପରାମର୍ଶ ସ୍ମିତ ରହୁଛି ଜିଲ୍ଲା ପରିସର ଅଧିକାରମାନଙ୍କଠାରେ । ପରେ ଏହା ଲୋକଙ୍କ ପାଖରେ ପହଞ୍ଚିପାରୁନାହିଁ । ଏବେ ଏବେ ରାଜ୍ୟର ଶାସନର ମୁଖ୍ୟ ଗୋଟାଏ ଜିଲ୍ଲାକୁ ଦୁଇ ଦିନିଆ ଗସ୍ତ କରି ଭୁବନେଶ୍ୱର ଫେରିଗଲେ । ଏହି ଦୁଇଦିନ ମଧ୍ୟରେ ଗୋଡ଼ାଏ ଜାଗା ବୁଲିଲେ ଏପରିକି ମେଡିକାଲ କଲେଜ କଥା ବୁଝିଲେ ଏବଂ ପ୍ରଶାସନିକ ଅଧିକାରୀଙ୍କ ସହିତ ପରାମର୍ଶ କରି କହିଗଲେ ଆସନ୍ତା ଜୁନ ମାସରେ ମେଡିକାଲ କଲେଜ ସ୍ଥାନାନ୍ତରୀତ ହେବ । ସେ ଚାହିଁଥିଲେ ସେହି ଜିଲ୍ଲାର ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନଙ୍କ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ବିଚାର ବିମର୍ଷ କରିପାରିଥାଆନ୍ତେ । ଯାହା ପ୍ରଶାସନ ଅଧିକାରୀମାନେ ବୁଝେଇ ଦେଲେ ଏବଂ ତାରି ଉପରେ ଲୋକଙ୍କର ସୁବିଧା ଅସୁବିଧା ଏପରିକି ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନଙ୍କ (ସରକାରଙ୍କ ଦ୍ୱାରା ସ୍ୱୀକୃତି ପାଇଥିବା) ସହିତ ବୈଠକ କରାଇଥିଲେ ବୋଧହୁଏ ଭଲ ହୁଅନ୍ତା । ଯେଉଁ ପ୍ରଶାସନିକ ଅଧିକାରୀମାନେ ଜିଲ୍ଲାସ୍ତରରେ ରହିଲେ ସେମାନେ ଖୁବ ଜୋରରେ ୨ବର୍ଷ ପର୍ଯ୍ୟନ୍ତ ସେହି ସ୍ଥାନରେ ରହିବେ ଏବଂ ସେମାନେ ସେ ଜିଲ୍ଲାର ଲୋକ ନୁହଁନ୍ତି, ଜିଲ୍ଲାକୁ ଭଲ ପାଇବାର ଆବଶ୍ୟକତା ନାହିଁ ସେମାନେ କାହିଁକି ବା କଣ ପାଇଁ ଲୋକଙ୍କ ପାଖରେ ପହଞ୍ଚିବେ କାହିଁକି ବା କଣ ପାଇ ଲୋକଙ୍କ ପାଖରେ ପହଞ୍ଚିବେ ଏବଂ ତାଙ୍କ କଥା ବୁଝିବେ । ଲୋକଙ୍କ ପାଖରେ ପହଞ୍ଚିବାକୁ ଗଲେ ମୋ ମତରେ ମୁଖ୍ୟମନ୍ତ୍ରୀଙ୍କ କହିବାନୁସାରେ ଶାସନ ପ୍ରଣାଳୀର ପରିବର୍ତ୍ତନର ଆବଶ୍ୟକ ରହିଛି ଏବଂ ସେ ବ୍ୟବସ୍ଥା କେବେ ହେବ ?




### ଚାଲ ମାଆ ପ୍ରତି କର୍ତ୍ତବ୍ୟ ପାଳିବା

**ସୁରେନ୍ଦ୍ର ନାଥ ସାହୁ**



ମାଆ ହିଁ ଆମ ଘରର ଠାକୁରାଣୀ
ମମତାମୟୀ ଦେହାଧି ଦେବୀ ଟିଏ ।

ମାଆକୁ ପୁରା ଲେଖିବା ସମ୍ଭବ ନୁହେଁ
କାରଣ ଆମକୁ ଲେଖିଛି ସିଏ ।

ମାଆକୁ କେବେ ପଚାରନ୍ତୁ ନାହିଁ
ସେ ଆମ ପାଇଁ କ'ଣ କରି ରଖିଛି ।

ମାଆ ଆମକୁ ଗଢ଼ିବା ପାଇଁ ପରା
ନିଜକୁ ଟିକିନିଖି ଖର୍ଚ୍ଚ କରିଦେଇଛି ।

ମାଆ ହାତ ମୁଣ୍ଡ ଉପରେ ଥିଲେ
ମିଳେ ଐଶ୍ୱରିକ ଆଶୀର୍ବାଦର ଛାଇ ।

ମାଆର ହାତ ଧରି ଚାଲୁଥିଲେ
କାହା ପାଦ ଧରିବାକୁ ପଡେନା ନାହିଁ ।

ମାଆକୁ ଆଦର କରିବାର ମାନେ
ନିଜେ ନିଜକୁ ଆଦର କରିବା ।

ମାଆ ଆଶୁତୋଷୀ ବରଦା ଭଗବତୀ
ଚାଲ ମାଆ ପ୍ରତି କର୍ତ୍ତବ୍ୟ ପାଳିବା ।

+କଳମ୍ବ (ଡିହସାହି)
ପୋଲସରା, ଗଞ୍ଜାମ- ୭୬୧୧୦୫
ମୋ: ୮୧୨୮୯୧୯୨୫୬

### ଆସ ଲୋ ବଉଳ

**ସୁହଂସ ଭୋଇ**



ଆସ ଲୋ ବଉଳ ଆସ ଲୋ ମକର
ସଜନୀ ସହି ସଙ୍ଗାତ
ଗାଧୁଆ ଘାଟରେ ଭିଡ଼ ଜମିଯିବେ
ଉଛୁର ହେଲାଣି ସେ'ତ ।


ଗଣ୍ଠି ହଳଦୀକୁ ଯତନେ ବାଟିଛି
ଚନ୍ଦନ କରିଛି ସଜ
ଗହଳ ଚହଳ ହେଲେ ଗାଁ ଦାଣ୍ଡ
ଲାଗେ ମତେ ଭାରି ଲାଜ ।

ଆମ ଝୁନା ବାପ ହୋଇ ତର ତର
ବାହାରି ଗଲେଣି କ୍ଷେତ
ନ କରି ଆଳସ ଛାଡ଼ ଶେଜ ଉଠ
ମିଶିକି ଯିବା ତୁରିତ ।

କଥା ହରବର ଚାଲି ଧୀର ଧୀର
ଗପଶପ କେତେ ହସ
ସତେ କିବା ଭେଟ ହୋଇଅଛି ଆଜ
ବିତି ଯାଇଛି ବରଷ ।

ହୋଇ ଗଲେ ମେଳ କେତେ
କୋଳାହଳ
କଥା କିବା ଆଉ ସରେ
ପାଦର ଅଳତା ଘାଟରେ ସଜନୀ
ଘସୁଛି ପଥରେ ଧୀରେ ।

+ପହଣ୍ଡି, ବରଗଡ



### କଷ୍ଟ

**ବିନୟାନନ୍ଦ ବସ୍ତ୍ରସ୍ୟ**



ମଲା କଷ୍ଟ ସିନା
ମଲା ଲୋକ ଜାଣେ
ଜୀଇବାଲୋକ କି ଜାଣେ,
ଜୀଇଥିବା ଲୋକ
ଯନ୍ତ୍ରଣା ବେଦନା
ମଲା ଲୋକ କିବା ଜାଣେ,
ଜୀଉ ଜୀଉ ମରୁଥାଏ,
ଅସୁମାରୀ ମିଛ ଆଶା ଆକାଂକ୍ଷାରେ
ମରୁ ମରୁ ଜୀଉଥାଏ ।

ବେଳେ ବେଳେ ଲାଗେ କାହିଁକି
ରହିଛି
ନିଲଠା ପ୍ରାଣଟା ମୋର,
ଅପମାନ ଘୃଣା ଅସୁୟା ଯାତନା
ନାକଟେକା ବ୍ୟବହାର,
ଭୃକୁଞ୍ଚନ ଅଣଦେଖା,
ସହି ସହି ଛାତି ପଥର ହେଲାଣି
ଜୀବନ ଲାଗେ ପରୀକ୍ଷା ।

ଧନୀ ସଙ୍ଗେ ଧନୀ
ମାନୀ ସଙ୍ଗେ ମାନୀ
ଗରିବ ସଂଗେ ଗରୀବ,
ଦୁଃଖୀ ସଂଗେ ଦୁଖୀ
ରଙ୍କି ସଂଗେ ରଙ୍କି
ରୋଗୀ ସଂଗେ ରୋଗୀ ଭାବ,
ହୋଇ ନ ପାରୁଛି ଲବେ,
ଯିଏ ଯେଉଁପରି ତା ପରି ହୋଇବା
ମିଛେ ମିଛେ ବସି ଭାବେ ।

ଏ ଦୁଃଖ ଯନ୍ତ୍ରଣା
ଉପଶମ କେବେ ହୋଇବନି ଏ
ଜୀବନେ,
ନିଜକୁ ନ ଭାବି
ବିଶ୍ୱାସ ହରାଇ
ବୁଲୁଛି ଏ ଭବ ବଣେ,
ସନ୍ଦେହ ବିନା କାରଣେ,
ପ୍ରତି ଯନ୍ତ୍ରଣାର ନିଜେ ହିଁ କାରଣ ପରେ
ଭାବେ ଅକାରଣେ ।


ବଂଚିବା ଯାହାର
କଷ୍ଟ ହେଉଅଛି
ଅତୀତକୁ ଗଲେ ଫେରି,
କାରଣ ନିଶ୍ଚିତ
ପାଇଯିବ ପରା
ନିଜେ ପ୍ରାୟଶ୍ଚିତ କରି,
ସୁଧାର ଆସିବ ପ୍ରାଣେ,
ଯିଏ ପାଇନାହିଁ ଦୁଃଖର କାରଣ ସୁଖ
କାହିଁ ତା ଜୀବନେ ।

ଯେମିତି ମୁଁ ଅଛି
ସେମିତି କେ ଅଛି
ଆଖି ବୁଲାଇ ଦେଖିଲେ,
ଦେଖିବ କେତେ ଯେ ତୁମଠାରୁ ଉଚେ
ନୀଚେ କେତେ ତୁମ ତୁଲେ,
ଦୁଃଖ ଯିବ ମନୁ ଭୁଲି,
ନିଜ ସହ କେବେ ତୁଳନା ନ କରି
ନିଜ ବାଟେ ନିଜେ ଚାଲି ।

ଭାବିବ ଯେବେ ମୁଁ
ଦୁଃଖେ ଅଛି ବୋଲି
ସୁଖ ବି ଲାଗିବ ଦୁଃଖ,
ଦୁଃଖେ ଥାଇ ସୁଖେ ଥିବାର କଳ୍ପନା
ଜୀବନର ରୂପରେଖ,
ସାଧୁଜନେ ଏ ପ୍ରକାର,
ଜୀବନ ବଞ୍ଚନ୍ତି ସେବା କାର୍ପଣ୍ୟରେ
କଷ୍ଟକୁ କରି ନିଜର ।

+ନିଆଳ, ଖୋର୍ଦ୍ଧା

# ମିଛି ମିଛିକା ଟୋପାଏ ସିନ୍ଦୁର





ଲଳିତ ମୋହନ ମିଶ୍ର

ଆବେଗରେ ଛାତି ରୁନ୍ଧି ହୋଇଯାଉଛି । ବେଳେବେଳେ ସନ୍ତୋଷରେ ମନ ଭିଜିଯାଉଛି । ମନ କହୁଛି ଦଉଡି ଦଉଡି ପୁରା ଘରଟାକୁ ଓଲଟ ପାଲଟ କରିଦିଅନ୍ତି । ପାଟି କରି ଘରଦ୍ୱାର କମ୍ପେଇ ଦିଅନ୍ତି .. ଯେମିତି କରୁଥିଲି ପିଲାବେଳେ ! ବୋଉର ଡାକ, ଜେଜେମା'ର ଗାଳିକୁ, ଏ କାନରେ ପୂରେଇ ସେ କାନରେ ବାହାର କରିଦେଉଥିଲି .. ପିଲାବେଳେ ରୋଷେଇ ଘରର ଟିଣଛାତ ଉପରକୁ ଚଢି ଯାଉଥିଲି ତ ଆଉ କେତେବେଳେ ବାଡି ପଟ ନଡିଆ ଗଛ, ଲେମ୍ବୁଗଛ ମୂଳରେ ଲୁଚି ଯାଉଥିଲି । ଆଉ କେବେ ଗଛ ଉପରକୁ ଚଢିଯାଇ ଆମ୍ବ, ପିଜୁଳି, ବରକୋଳି, ଆତ ତୋଳି ପକାଉଥିଲି । ଆଉ କେତେବେଳେ ଦାଣ୍ଡ ପଟେ ଥିବା କୂଅ ପାଖକୁ ଯାଇ ତା' ଭିତରେ କେତେ ପାଣି ଅଛି ବୋଲି ଉଣ୍ଡିକି ଦେଖୁଥିଲି । ସେ ସମୟ, ସେ ବୟସ, ସେ ମନ.. ଅତିକ୍ରାନ୍ତ ହୋଇ ଯାଇଛି । ବିଗତ ଦିନର ସ୍ମୃତିକୁ ଖାଲି ରୋମନ୍ଥନ କରୁଛି । ଏବେ ଦାୟିତ୍ୱ ବଢି ଯାଇଛି । ମନ ଭାଙ୍ଗି ଯାଇଥିଲେ ମଧ୍ୟ କର୍ତ୍ତବ୍ୟ ଅନ୍ୟ ପାଇଁ... ଆଉ ଏ ଜୀବନ ଆଉ କାହା ପାଇଁ ସମର୍ପିତ ... କିଛି ନାହିଁ ଜୀବନର ସୁଖ ଲାଳସା । ବେଳେବେଳେ ତପନ ଦାୟିତ୍ୱର ଭାର ପାଇଁ ଫୋନ୍ କରୁଛନ୍ତି । ସ୍ୱେଚ୍ଛାକୃତ ଭାବେ ପ୍ରତ୍ୟୁଷା ସେସବୁ ଦାୟିତ୍ୱ ନିଜ ଉପରକୁ ନେଇଯାଇଛି । ତପନ ଫୋନ କରି କୁହନ୍ତି - ଦେଖଛୁ ପ୍ରତ୍ୟୁଷା ! ମୁଁ ଦାୟିତ୍ୱ ବୋଝରେ ବୁଡି ରହିଛି । ବାପା ମାଆଙ୍କ କଥା ଟିକେ ବୁଝି ପାରୁନାହିଁ । ତୁ ସେ କଥା ଟିକେ ବୁଝୁଥିବ । ହେଲେ କେଉଁ ଅଧିକାରରେ ଏସବୁ କହି ଯାଉଛ ? ବେଳେ ବେଳେ ମନ ହୁଏ ପ୍ରଶ୍ନ କରିବାକୁ । କିନ୍ତୁ ମନର କଥାକୁ ମନରେ ମାରି ଆଗକୁ ବଢି ଚାଲେ । କେବେ ପଦିଏ ବି ପଚାରନ୍ତି ନାହିଁ ତୁ କେମିତି ଅଛୁ ? ସେହି ମିଛି ମିଛିକା ଟୋପାଏ ସିନ୍ଦୁରର ବୋଝ ପାଇଁ ସବୁ ସହିଚାଲେ ପ୍ରତ୍ୟୁଷା । ଅଜାଗା ଘା ଦେଖି ହୁଏନି କି ଦେଖେଇ ହୁଏନି । ଲୋକେ ବୋଲିବେ କ'ଣ ? ବାଡ଼ିରେ ଥିବା ବଉଳ ଗଛ ମୂଳ ସିମେଣ୍ଟ ଚାନ୍ଦିନିରେ ବସି ଭାବି ହେଉଛି ପ୍ରତ୍ୟୁଷା । ଫିକା ଫିକା ଜହ୍ନ ଆଲୁଅର ମିଠା ଆଲିଙ୍ଗନରେ ସେ ଭୁଲିବାକୁ ଚେଷ୍ଟା କରୁଛି ବିଗତ ଦିନର ସ୍ମୃତିକୁ । ମନ ଭିତରେ ଗୋଟିଏ ପ୍ରଚ୍ଛନ୍ନ ନୀରବତାକୁ ସେ ଖୋଜି ଚାଲିଛି । ଫିଙ୍ଗି ଦେବାକୁ ଚାହୁଁଛି ବିଗତ ସ୍ମୃତିକୁ... ବହୁ ଦୂରକୁ । କିନ୍ତୁ ମନର ଅଭିମାନ ହେତୁ ଯେତେ ଚେଷ୍ଟା କଲେ ମଧ୍ୟ ଅତୀତଟାକୁ ଭୁଲି ପାରୁ ନ ଥାଏ । ଚଳଚ୍ଚିତ୍ରର ରିଲ୍ ପରି ପିଲା ବେଳର ସ୍ମୃତି ଗୁଡ଼ିକ ଆଖି ଆଗରେ ନାଚି ଯାଉଥିଲା । ଆମ ଘରଠାରୁ ମାତ୍ର ଟିକେ ଦୂରରେ ତପନଙ୍କ ଘର । ତପନ ସହିତ ଆମ ଗାଁ ପ୍ରାଥମିକ ବିଦ୍ୟାଳୟରୁ ହାଇସ୍କୁଲ ପର୍ଯ୍ୟନ୍ତ ଏକାଠି ପଢିଛୁ । ଏକାଠି ବସିଛୁ । ଖୁସି ହସ ଗପ ମଜା ମଜଲିସ କେତେ କରିଛୁ । ଦୁଇ ଜଣଙ୍କ ମଧ୍ୟରେ ପୁଅ ଝିଅ ବୋଲି ବାଛ ବିଚାର କିଛି ନ ଥାଏ । ଏମିତିକି କଥା କଥାରେ ମାଡ଼ ଗୋଳ, ଧରା ଧରି, କୁଣ୍ଢାକୁଣ୍ଢି ହୋଇ ଭୂଇଁରେ ଗଡାପଡା । ସେତେବେଳେ ଛୋଟ ପିଲା, ସାଙ୍ଗ ହୋଇ ବିଲକୁ ଯାଉ । ବିଲରୁ ଚଣା, ବିରି ଛୁଇଁ, ମଟର ଛୁଇଁ, ଖିରୀ କୋଳି ଓ କଣ୍ଟେଇ କୋଳି ତୋଳି ଖାଉ । କିଆ ବୁଦା ଭିତରେ ଥିବା କୋଳି, ପିଜୁଳି ଗଛରୁ ପିଜୁଳି ଓ ଜାମୁକୋଳି ଗଛରୁ ଜାମୁକୋଳି ତୋଳି ଖାଉ । ଖରାଦିନେ ଲୁଚିଛପି ଯାଇ ଆମ୍ବତୋଟାରୁ ଆମ୍ବ ପାରୁ । ଆଜି ସେସବୁ ଗୋଟି ଗୋଟି ହୋଇ ମନେ ପଡ଼ି ଯାଉଛି । ତପନ ଗାଁ ସ୍କୁଲରୁ ମେଟ୍ରିକ୍ ପାସ୍ କଲା । ସେତେବେଳେ ପର୍ଯ୍ୟନ୍ତ ପୁଅ ଝିଅର ସମ୍ପର୍କ ଜାଣି ନ ଥିଲା । ବେଳେ ବେଳେ ତପନ ମୋତେ ଛାତିରେ ଚାପି ଧରି ଗେଲ କରେ ଓ ଓଠକୁ କାମୁଡ଼ି ପକାଏ । କିନ୍ତୁ ମୋତେ ଏସବୁ ଅଡୁଆ ଲାଗୁଥିଲେ ମଧ୍ୟ ପ୍ରତିବାଦ କରେ ନାହିଁ । କାରଣ ମନେ ମନେ ତପନକୁ ଭଲ ପାଇ ବସିଥିଲି । ହେଲେ ତପନକୁ ଭଲ ପାଇବା ବିଷୟରେ ଧାରଣା ନଥିଲା । ତପନର ବାପା ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ । ବାପାଙ୍କ ସଂସ୍କାର ଅନୁସାରେ ତପନ ଖୁବ୍ ଭଲ ପଢୁଥିଲା । ପ୍ରତ୍ୟୁଷାର ବାପା ଜଣେ ଡ୍ରାଇଭର । ଉଭୟଙ୍କ ପରିବାର ମଧ୍ୟରେ ସମ୍ପର୍କ ଥିଲା । ପ୍ରତ୍ୟୁଷା ପିଲାବେଳୁ ମଧ୍ୟ ଭଲ ପଢୁଥିଲା । ତପନ ମେଟ୍ରିକ୍ ରେ କୃତିତ୍ୱ ହାସଲ କରି ରେଭେନ୍ସା ମହାବିଦ୍ୟାଳୟରେ ପାଠ ପଢିଲା । ପ୍ରତ୍ୟୁଷା ଗାଁ ପାଖ କଲେଜରେ ପଢିଲା । ଏଇଠୁ ଆରମ୍ଭ ହେଲା ଦୁଇଜଣଙ୍କ ମଧ୍ୟରେ ଦୂରତା । ଅବଶ୍ୟ ତପନ ମଝିରେ ମଝିରେ ପ୍ରତ୍ୟୁଷା ପାଖକୁ ଚିଠି ଦେଉଥିଲା । ତପନ ଥିଲା ବାପା ମା' ଙ୍କର ଅଲିଅଳି ପୁତ୍ର । ତପନ କୃତିତ୍ୱରେ ଘରେ ଖୁବ୍ ଖୁସି । ବାପାଙ୍କର ଦୁଇ ଝିଅ ସେଥିରୁ ପ୍ରତ୍ୟୁଷ ଜଣେ । ଧିରେ ଧିରେ ପରିସ୍ଥିତି ବଦଳିବାକୁ ଲାଗିଲା । ପ୍ରତ୍ୟୁଷାର ବାପା ଦୁଇ ଝିଅଙ୍କୁ ପାଠ ପଢ଼ାଇବାରେ ସମର୍ଥ ନ ଥିଲେ । ବାଧ ହୋଇ ପ୍ରତ୍ୟୁଷା +୩ ପରେ ସିଟି ଟ୍ରେନିଂ କଲା । ତପନର ବାପା ଚାକିରୀରୁ ଅବସର ନେଲେ । ତପନ ବହୁ ପରିଶ୍ରମ କରି ଲେଦର ଇଞ୍ଜିନିୟରିଂ ହେଲା । ସିଧାସଳଖ ହଂକଂରେ ତାର ପୋଷ୍ଟିଂ ହେଲା । ପୁଅ ବିଦେଶରେ ଚାକିରି ପାଇଲା ବୋଲି ତପନର ବାପା ଖୁସିରେ ଗାଆଁରେ ବଡ ଭୋଜି ଭାତ କଲେ । କିନ୍ତୁ ଯୋଗଦେଇ ପାରିଲାନି ତପନ । ପ୍ରତ୍ୟୁଷା ମା' ମଙ୍ଗଳାଙ୍କ ପାଖରେ ଭୋଗ ଲଗାଇ ଗାଆଁ ସାରା ମିଠା ବାଣ୍ଟିଲା । ପ୍ରତ୍ୟୁଷା ମଧ ସି.ଟି. ପାସ୍ କରି ଗାଆଁ ସ୍କୁଲରେ ଶିକ୍ଷୟିତ୍ରୀ ହେଲା । ଏହାର ଠିକ୍ ବର୍ଷେ ପରେ ତପନର ଚିଠି ଆସିଲା - ମୋ ଅଫିସରେ କାମ କରୁଥିବା ଗୋଟିଏ ଝିଅକୁ ମୁଁ ଭଲ ପାଉଛି । ମୁଁ ତାକୁ ବିବାହ କରିବାକୁ ଚାହେଁ । ହେଲେ ବାପାଙ୍କୁ ଏକଥା କେମିତି କହିବି, କିଛି ବୁଝି ପାରୁନାହିଁ । ତୁ ମୋତେ ଟିକେ ସାହାଯ୍ୟ କର । ପ୍ରତ୍ୟୁଷା ମୁଣ୍ଡରେ ବଜ୍ର ପଡ଼ିଲା ପରି ଲାଗିଲା । ଯାହାକୁ ସେ ମନ ପ୍ରାଣ ହୃଦୟ ଦେଇ ଭଲ ପାଉଥିଲା । ସେ ଅନ୍ୟ କାହାର ହୋଇଗଲା... ଛାତି ଭିତରୁ କୋହ ଉପରେ କୋହ ଉଠେଇ ଆସିଲା । କିନ୍ତୁ ସେ ଦୋଷ ଦେବ କାହାକୁ... ଯେଉଁ ସମୟରେ ମନ ଖୋଲି 'ତୁମକୁ ଭଲ ପାଏ' ବୋଲି କହି ପାରିଲା ନାହିଁ । ଏବେ କ'ଣ କରିବ ? ଏବେ ତ ଲେଡି ଗୁଡ କହୁଣିକୁ ବୋହି ଗଲାଣି... ଆଶା ଆଶାରେ ହିଁ ମିଳେଇ ଗଲା । ତା ବିଶ୍ୱାସର ବାଲିବନ୍ଧ ଭାଙ୍ଗି ଗଲା । ଛାତି ଭିତରୁ ଉଠୁଥିବା କୋହକୁ ସେ ଛାତି ଭିତରେ ଚାପି ଧରିଲା । ତପନକୁ ଚିଠି ଲେଖିଲା ତୁ ସେ ଝିଅକୁ ଧରି ଆସେ, ସବୁ ଠିକ୍ ହୋଇ ଯିବ । ପ୍ରାୟ ପନ୍ଦର ଦିନ ପରେ ତପନ ସିଧାସଳଖ ସେ ଝିଅକୁ ଧରି ପ୍ରତ୍ୟୁଷା ଘରେ ପହଞ୍ଚିଲା । ହୃଦୟର ସମସ୍ତ ଦୁଃଖକୁ ଚାପି ରଖି ପ୍ରତ୍ୟୁଷା ସେ ଦୁହିଁଙ୍କୁ ନେଇ ମଙ୍ଗଳା ମନ୍ଦିରକୁ ଗଲା । ମଙ୍ଗଳାଙ୍କ ଠାରୁ ଫୁଲ ହାର ନେଇ, ଦୁହେଁ ଦୁହିଁଙ୍କ ଗଳାରେ ଫୁଲମାଳା ପିନ୍ଧାଇ ଦେଲେ ଏବଂ ଚିରଦିନ ପାଇଁ ପ୍ରତ୍ୟୁଷା ଭାବୁକ ହୋଇ ରହିଗଲା । ସେମାନେ ମଙ୍ଗଳା ମନ୍ଦିରରୁ ତଳକୁ ଓହ୍ଲାଇ ଯାଉଥିବା ବେଳେ ଲୁହ ଛଳଛଳ ଆଖିରେ ମଙ୍ଗଳାଙ୍କୁ ସାକ୍ଷୀ ରଖି ପ୍ରତ୍ୟୁଷା ସିନ୍ଦୂର ବୋଳା ହାତକୁ ନିଜ ମୁଣ୍ଡରେ ବୋଳିଦେଲା । ନିଜେ ତପନର ଅଜ୍ଞାତରେ ତପନର ହୋଇଗଲା । ସାଙ୍ଗ ହୋଇ ସମସ୍ତେ ତପନ ଘରେ ପହଞ୍ଚିଲେ । ସବୁ କଥା ପ୍ରତ୍ୟୁଷା ତା ବାପା ମାଆଙ୍କୁ କହି ବୁଝାଇଲା । ତପନର ବାପା ଗମ୍ଭୀର ହୋଇଗଲେ । ହେଲେ ଦ୍ୱିଧାରେ ପଡ଼ି ସ୍ୱୀକାର କରିବାକୁ ବାଧ ହେଲେ । ଯେତେ ହେଲେ ଗୋଟିଏ ବୋଲି ପୁଅ । ବୈଦିକ ରୀତିରେ ପୁନଶ୍ଚ ବାହାଘର କରାଇଲେ । ଅଷ୍ଟମଙ୍ଗୁଳା ପରେ ପରେ ସେମାନେ ସେମାନଙ୍କ କର୍ମକ୍ଷେତ୍ରକୁ ଫେରିଗଲେ । ସେମାନେ ସେହି ଦିନଠାରୁ ଯାଇଛନ୍ତି ଯେ ଆଉ କେବେ ଫେରି ନାହାଁନ୍ତି । ତପନ ବର୍ତ୍ତମାନ ଜଣେ ସୁଦକ୍ଷ ଅଫିସର । ଏପଟେ ପ୍ରତ୍ୟୁଷା ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ । ତପନର ଗୋଟିଏ ପୁଅ ଓ ଗୋଟିଏ ଝିଅ । ତପନର ବାପା ମାଆ ବୁଢ଼ାବୁଢ଼ୀ ହୋଇ ଗଲେଣି । ଦେଖା ଶୁଣା କରିବାକୁ କେହି ନାହାନ୍ତି । ସ୍ୱେଚ୍ଛାକୃତ ଭାବେ ପ୍ରତ୍ୟୁଷା ସେସବୁ ଦାୟିତ୍ୱ ନିଜ ଉପରକୁ ନେଇ ଯାଇଛି । ଭାବି ସ୍ୱାମୀ ଠାରୁ ସୁଖ ନ ପାଇଲେ ନାହିଁ କିନ୍ତୁ ଭାବି ଶାଶୁ ଶ୍ୱଶୁରଙ୍କର ଦାୟିତ୍ୱ ବୋଝରେ ଏବେ ବୁଡି ରହିଛି । ଭାବି ହେଉଛି ଏ ଜୀବନ ଯାହା ପାଇଁ ସମର୍ପିତ.. ଯଦି ତାଙ୍କର ନ ହୋଇଲା ନାହିଁ ... ତେବେ ତାଙ୍କ ବାପା ମାଆଙ୍କ ପାଇଁ ଏ ଜୀବନ କିଛି କାମରେ ଲାଗୁ.... ।

+ନୟାଗଡ଼
ମୋ: ୯୪୩୭୯୮୫୮୬୬

# ସ୍ୱପ୍ନାର ସ୍ୱପ୍ନପୁରୀ



କନ୍ଦର୍ପ ବେହେରା

ସେ ଦିନ କଲେଜର ଅଧ୍ୟକ୍ଷ ସାର୍ ସମସ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନଙ୍କର ନାମ ଗୋଟି ଗୋଟି କରି ପଚାରି ବୁଝୁଥିଲେ । ସମସ୍ତେ ନିଜନିଜର ବାପା, ମାଙ୍କର ନାମ କହି ଚାଲି ଯାଉଥିଲେ । କଲେଜରେ ସ୍ୱପ୍ନା ନାମ୍ନି ଝିଅଟିକୁ ସାର୍ ପଚାରିଲେ ତମ ବାପା ମାଙ୍କର ନାମ କଣ ? ଝିଅଟି ଅଧ୍ୟକ୍ଷଙ୍କ ପ୍ରଶ୍ନରେ ଉତର ଦେଇ ନ ପାରି କେବଳ ପଥର ମୂର୍ତିଟେ ପରି ଠିଆ ହୋଇ ରହିଥାଏ । ଅଧ୍ୟକ୍ଷ ସାର୍ କେବଳ ତାର ମୁଖମଣ୍ଡଳକୁ ଚାହିଁ ରହିଥାନ୍ତି ।

ଛାତ୍ରୀଟିକୁ ପୁଣି ଥରେ ପଚାରିଲେ - ତମ ବାପା ମାଆଙ୍କ ମଧ୍ୟରୁ କେହି ବି ଜଣେ ଆସିବେ ଅଭିଭାବକ ମିଟିଂକୁ । ଝିଅଟି ସାରଙ୍କର ପ୍ରଶ୍ନରେ କିଛି ବି ଉତର ଦେଇ ନ ପାରି କେବଳ ଆଖି ଛଳ ଛଳ ହୋଇ କହିଲା -ସାର୍ ମୋର ବାପା, ମାଆ କେହି ବି ନାହାନ୍ତି । ମୁଁ ଏକାକୀ ।

ଅଧ୍ୟକ୍ଷ ସାର୍ କିଛି କହିବା ଆଗରୁ ଝିଅଟିର ମୁହଁକୁ ଚାହିଁ ରହିଥାନ୍ତି । ସେ ଭାବି ନେଇଥିଲେ ବୋଧହୁଏ ଝିଅଟିର କେହି ନାହାନ୍ତି । ନିଶ୍ଚୟ ଅନାଥ ହୋଇଥିବ ।

ଏଭଳି ଜଣେ ନିରୀହ, ବାପା, ମାଆ ଛେଉଣ୍ଡ ପିଲାଟି କଥା ଶୁଣି ଅଧ୍ୟକ୍ଷ ସାର୍ ସଂପର୍ଣ୍ଣ ଆଚମ୍ବିତ ହୋଇଗଲେ । ପାଟିରୁ ତାଙ୍କର କିଛି ବି ଭାଷା ବାହାରିଲା ନାହିଁ । ଏଭଳି ଜଣେ ବାପା ମାଆ ଛେଉଣ୍ଡ ଝିଅଟିର କଥା ଓଡିଆ ଅଧ୍ୟାପିକା ପୁଷ୍ପାଙ୍କ କାନକୁ ବାଜିଲା । ସେ ଝିଅଠାରୁ ତାର ସଂପର୍ଣ୍ଣ କାହାଣି ଶୁଣି କିଛି ବି କହିପାରିଲେ ନାହିଁ । କେବଳ ସେ ଝିଅଟିକୁ ଚାହିଁ ରହିଥାନ୍ତି ଅଧ୍ୟାପିକା ମାଡାମ୍ ।

କାହାରିର ଦୁଃଖକୁ ମାଡାମ୍ ସହ୍ୟ କରିପାରନ୍ତି ନାହିଁ । କଲେଜରେ ପଢୁଥିବା ସମୟରୁ ଦୁଃଖି ମଣିଷର କଥାକୁ ବେଶି ଧ୍ୟାନ ଦେଇଥାନ୍ତି ଅଧ୍ୟାପିକା ପୁଷ୍ପା । ତେଣୁ ତାଙ୍କୁ କଲେଜର ସବୁ ଛାତ୍ରଛାତ୍ରୀ ବହୁତ ଭଲ ପାଆନ୍ତି । ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଓ ଅଧ୍ୟାପିକା ମହଲରେ ସେ ବେଶ୍ ପରିଚିତା । ଛାତ୍ରଛାତ୍ରୀମାନେ ସେଥିପାଇଁ ଅଧ୍ୟାପିକାଙ୍କୁ ବହୁତ ଭଲ ପାଆନ୍ତି ।

ଦିନେ କୌଣସି କାମରେ ମୁଁ କଲେଜକୁ ଯାଇଥାଏ ।

ପୁଷ୍ପା ମାଡାମ୍ ମୋତେ କହିଲେ, ସାର୍ ଆମ କଲେଜରେ ଜଣେ ଅନାଥ ଝିଅ ପାଠପଢୁଛି । ତାର ପରିବାର କହିଲେ ତାକୁ ହିଁ କେବଳ ବୁଝିବାକୁ ପଡେ ।

ଆପଣ ସେ ଝିଅଟି ବାବଦରେ ଖବର କାଗଜରେ ସଂବାଦଟେ ପ୍ରକାଶ କଲେ କେମିତି ହୁଅନ୍ତି ? ବିଚରା ଝିଅଟି କିଛି ଲାଭବାନ୍ ହୁଅନ୍ତା ।

ପୁଷ୍ପା ମାଡାମ୍ଙ୍କର କଥାରେ ମୁଁ ହଁ ମାରିଦେଲି । ଝିଅଟି ସଂପର୍କରେ ତଥ୍ୟ ସଂଗ୍ରହ କରିବାକୁ ତାର ଗାଁକୁ ଗଲି । ଗାଁ ଲୋକମାନଙ୍କୁ ପଚାରି ବୁଝିଲି । ଝିଅଟିର କେହି ବି ନାହାନ୍ତି । ଭାଇ ଭଉଣୀ ପରିବାର, ଆତ୍ମୀୟ ସ୍ୱଜନ କେହି ବି ନାହାନ୍ତି । ମାଆ ତାର କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ବୁର୍ଲା ଡାକ୍ତରଖାନାରେ ମୃତ୍ୟୁ ବରଣ କଲା । ବୁର୍ଲାରୁ ଘରକୁ ଆଣିବାକୁ ପାଖରେ ଟଙ୍କା ନ ଥିବାରୁ ଜନୈକ ସମାଜସେବୀ ନିଜ ଖର୍ଚ୍ଚରୁ ମୃତ ମହିଳାର ଶବ ଗାଁକୁ ଆଣିଲେ । ଗାଁରେ ଶବ ସତ୍କାର କଲେ ନିଜ ସମାଜ ଲୋକେ ।

କିଛି ବର୍ଷ ଅତିବାହିତ ହୋଇ ଯାଇଛି । ବାପା ତାର ଅନ୍ୟ ଆଡେ ବାହା ହୋଇ ଚାଲିଗଲେ ଏଇ ଛୋଟ ଝିଅଟିକୁ ଛାଡି । ଝିଅଟି ସେତେବେଳେ ବର୍ଷେ ନା ଦି ବର୍ଷର ହୋଇଥାଏ । ଝିଅ ବଂଚିଛି କି ମରିଛି ଥରେ ଫେରି ଚାହିଁଲା ନାହିଁ ବାପା ତାର ।

ବିଚାରୀ ଛୋଟ ଦୁଧଖିଆ ଝିଅଟିକୁ ଆଈ କଷ୍ଟେ ମଷ୍ଟେ ମାଗିଯାଚି ଲାଳନ ପାଳନ କରି କୌଣସି ମତେ ବଂଚାଇଲା । ଯେତେବେଳେ ସ୍ୱପ୍ନାକୁ ଆଠବର୍ଷ ଆଈ ମଧ୍ୟ ଆରପାରିକୁ ଚାଲିଗଲା । ପୁଣି ଅନାଥ ହୋଇଗଲା ଝିଅଟି । ମାଉସି ତାର ଦିବ୍ୟାଙ୍ଗ । ସେ ଝିଅଟିର ଦେଖାରଖା ବୁଝିଲେ ।

କିଛି ବର୍ଷ ପରେ ମାଉସୀ ମଧ୍ୟ ଚାଲିଗଲେ ଆରପାରିକି । ଭାଗ୍ୟ କେଡେ ଖରାପ ଥିଲା ଝିଅଟିର ଜୀବନରେ । ତାପରେ ସେ ସଂପୂର୍ଣ୍ଣ ଏକଲା ଓ ଅସହାୟ ହୋଇଗଲା । ମନରେ ତାର ଅସରନ୍ତି ଦୁଃଖ । କା ଆଗରେ କହିଦେଲେ ହୁଏତ ଦୁଃଖଟା ହାଲକା ହୋଇଯିବ ସେଟା ବି ଚିନ୍ତା କରିନି ।

କଅଁଳ ବୟସର ଝିଅଟିକୁ ଆଗକୁ ଦେଖିଲେ କେହି ନାହିଁ କି ପଛରେ ଦେଖିଲେ କେହି ବି ନାହିଁ । ନା ଖାଇବାକୁ ଅଛି ନା ପିଇବାକୁ, ନା ପାଠ ପଢିବା ଖର୍ଚ୍ଚ ପାଇଁ ଟଙ୍କା ପଇସା ଅଛି । ସରକାରଙ୍କ ପୁଳା ପୁଳା ଯୋଜନା ତା ଭାଗ୍ୟରେ ଜୁଟିନି । ଚାଳ ଛପର ଘରେ ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ଦେଖିବା ତାର ନିତିଦିନିଆ । ବର୍ଷା ହେଲେ ଘର ଭିତରେ ଆଣ୍ଠୁଏ ଲେଖାଏଁ ପାଣି । ବର୍ଷା ଦିନେ ଚୁଲି ଜଳେନା ଝିଅଟିର । ତଥାପି ହାରି ନାହିଁ ଜୀବନ ଯୁଦ୍ଧରେ ସ୍ୱପ୍ନା ।



ଦିନକୁ ଦିନ ବୟସ ବଢିଲା । ଗାଁ ହାଇସ୍କୁଲରୁ ୧୦ମ ରେ ସଫଳତାର ସିଡି ଚଢିଲା । ତା ପରେ ଯୁକ୍ତ ଦୁଇ ପଢିଲା ଏକ କଲେଜରେ । ଯୁକ୍ତ ଦୁଇ ପରେପରେ ଯୁକ୍ତ ତିନିରେ ନାଁ ଲେଖାଇଲା ଗାଁ ପାଖ ଏକ କଲେଜରେ । ତଥାପି ହାରିଲା ନାହିଁ ଝିଅଟି । ନିଜର ଅଦମ୍ୟ ସାହସ ଓ ଇଚ୍ଛାଶକ୍ତି ଯୋଗୁଁ ଗାଁରେ ମୂଲ ଲାଗି, ଗୁଛା କାଟି, କେନ୍ଦୁପତ୍ର ତୋଳି, ମହୁଲ, ଚାର, ବାହାଡା, ସରଗିଫୁଲ ଆଦି ସଂଗ୍ରହ କରି ଯାହା ରୋଜଗାର ହେଲା ସେଥିରେ ପାଠପଢା ଖର୍ଚ୍ଚ ଚଳିଯାଏ । କେବେ କେବେ ଇଟା ଭାଟିରେ ଶ୍ରମିକ ଭାବରେ କାମ କରେ । ଖାଇବା ଖର୍ଚ୍ଚ ମାସଯାକ ଯାଏନି । କେବେକେବେ ଭୋକ ଉପାସରେ ରାତିରେ ପାଣି ମୁନ୍ଦାଏ ପିଇ ବଂଚିଯାଏ । ଆଉ କେବେକେବେ ଚୁଲି ଜଳେନା ତାର । ଗାଁ ଲୋକେ କେବେ କେବେ ଦିଅନ୍ତି ତୋରାଣି ମୁନ୍ଦାଏ । ହେଲେ ପେଟ ପୁରେନା ଝିଅଟିର । କଲେଜକୁ ଭୋକରେ ମଧ୍ୟ ଯିବାକୁ ପଡେ ବେଳେ ବେଳେ । କଲେଜରେ କା ଆଗରେ କହିବ ଦୁଃଖ କଥା । କିଏ ବୁଝିବ ଦରଦିଦୁଃଖ । ଏମିତି ଚିନ୍ତାରେ ସେ ।

ଝିଅଟିର ଦୁଃଖକୁ ସହ୍ୟ କରି ପାରି ନ ଥିଲେ କଲେଜର ଅଧ୍ୟକ୍ଷ ସାର୍ । ନିଜ ସାଧ୍ୟ ମତେ କଲେଜରେ ରହିବା ଖାଇବା ପାଇଁ ମାଗଣାରେ ସବୁ ବନ୍ଦବୋସ୍ତ କରିଦେଲେ । କଲେଜ ୟୁନିଫର୍ମ ମଧ୍ୟ ମାଗଣାରେ ଯୋଗାଇଦେଲେ ।

କଲେଜର ଅଧ୍ୟକ୍ଷ ସାର ଓ ଅଧ୍ୟାପିକା ପୁଷ୍ପାଙ୍କର ପ୍ରଚେଷ୍ଟାରେ ଗଣମାଧ୍ୟମରେ ଏଇ ଦୁଃଖିନି ତଥା ଅନାଥ ଝିଅଟିର କଥା ପ୍ରଚାରିତ ହେଲା । ଚାରିଆଡେ ସ୍ୱପ୍ନାର କଥା ଗଣ ମାଧ୍ୟମରେ ।

ସେଦନି ମୁଁ ଖବର କାଗଜ ପଢୁଥାଏ ବାରଣ୍ଡାରେ ବସି । ଫୋନ୍ କଲ୍‌ଟିଏ ଆସିଲା ।

ସାର୍ ନମସ୍କାର ..

ମୁଁ ତାଳଚେରରୁ କହୁଛି ସାର୍ ।

ଆପଣଙ୍କ ଏକ ସୁନ୍ଦର ରିପାର୍ଟ ଖବର କାଗଜରୁ ପଢିଲି ସାର୍ । ଝିଅଟିକୁ ମୁଁ କିଛି ସାହାର୍ଯ୍ୟ କରିବାକୁ ଚାହିଁଛି ସାର୍ ।

ମୁଁ ଧନ୍ୟବାଦଟିଏ ଦେଇ ସମ୍ମତି ପ୍ରଦାନ କଲି । ଇଞ୍ଜିନିୟର ସାର୍ ବିଭିନ୍ନ ସମୟରେ ମୋ ଅନୁମତି କ୍ରମେ ଝିଅଟିକୁ ସହଯୋଗର ହାତ ବଢାଇଲେ ।

ଏମିତି କିଛି ମାସ ଅତିବାହିତ ହୋଇଗଲା । ଝିଅଟି କଲେଜରେ ରହି ପାଠପଢୁଥାଏ । ଇଞ୍ଜିନିୟର ସାର ମୋ ପାଖକୁ ଫୋନ୍ କରି କହିଲେ ସାର୍ ଝିଅଟିକୁ ଖଣ୍ଡିଏ ଆବାସ ଘର ଯୋଗାଇବାର ବ୍ୟବସ୍ଥା କରନ୍ତୁ ସାର୍ । ମୁଁ ହଁ ମାରିଦେଲି । ହେଲେ ଘରଟି କେମିତି ପାଇବ ଜାଣି ପାରିଲି ନାହିଁ । ଖବର କାଗଜରେ ବାରମ୍ବାର ଝିଅଟିର ବ୍ୟଥାତୁର କାହାଣୀ ବାହାର କରିବାର ସୁଯୋଗ ପାଇଲି । ବ୍ଲକ୍‌ରେ ଟଙ୍କା ନ ଦେଲେ ଘର ଖଣ୍ଡିଏ ମିଳିବା କାଠିକର ପାଠ । ବିଡିଓ ତଥା ପ୍ରଶାସନିକ ଅଧିକାରୀ ମାନଙ୍କର ଦୃଷ୍ଟି ଆକର୍ଷଣ କଲି ।

ଖବର କାଗଜରେ ଏଇ କାହାଣୀ ବାରମ୍ବାର ପ୍ରକାଶ ପାଇବାରୁ ପ୍ରଶାସନ ବିଜୁ ପକ୍କାଘରଟିଏ ଯୋଗାଇଦେଲେ । ଇଂଜିନିୟର ମହାଶୟ ଘର ତିଆରି ପାଇଁ ସମସ୍ତ ସହଯୋଗର ହାତ ବଢାଇଲେ । ତାଙ୍କର ପ୍ରତ୍ୟେକ୍ଷ ତତ୍ୱାବଧାନରେ ସ୍ୱପ୍ନପୁରୀ ନାମରେ କୋଠାଟିଏ ଗଢିଉଠିଲା । କୋଠା ଘରଟିର ପ୍ରତିଷ୍ଠା ମହାଧୂମ୍ ଧାମରେ ହେଲା । କଲେଜର ସମସ୍ତ ସାର୍, ଛାତ୍ରଛାତ୍ରୀ ଆସି ସହଯୋଗର ହାତ ବଢାଇଲେ । ଗାଁ ସାରା ସେ ଦିନ ବହୁଲୋକ ଆସି ଭୋଜି ଖାଇଲେ । ଝିଅଟିର ଆନନ୍ଦର ସୀମା ରହିଲାନି । ଖୁସିରେ ବିଭୋର ସେ ।

ଏବେ ଝିଅଟି ଭୁବନେଶ୍ୱରରେ । ସେଠି ନର୍ସିଙ୍ଗରେ ନାମ ଲେଖାଇ ପଢୁଛି । ସେ ଦିନର ଚାଳ ଛପର ଭଙ୍ଗା କୁଡିଆଟି ଏବେ ବି ଅଛି । ତା ପାଖକୁ ଲାଗି କୋଠାଘର ସ୍ୱପ୍ନପୁରୀ । ସେଇ ସ୍ୱପ୍ନପୁରୀର ଝିଅ ଏବେ ଆଉ ମଜୁରି କରୁନି କି କେନ୍ଦୁପତ୍ର ତୋଳୁନି । ଇଟା ଭାଟିରେ ଯାଇ ଶ୍ରମିକ ହୋଇ ରହିନି । ତାର ବେଶ ପୋଷାକ, ଚାଲିଚଳନରେ ପରିବର୍ତନ ଘଟିଛି ।

ଯିଏ ଦିନେ ଛଅ ଶହ ଟଙ୍କାର ମୋବାଇଲ୍ ଧରୁଥିଲା ତା ହାତରେ ପଚିଶି ହଜାରର ଦାମିକିଆ ମୋବାଇଲ । ଦିନ ଥିଲା ଛିଣ୍ଡା ଚପଲ ପିନ୍ଧି କଲେଜକୁ ଯାଉଥିଲା ଏବେ କିନ୍ତୁ ଏକ ହଜାର ଟଙ୍କାର ଚପଲ ଗୋଡରେ । ଯିଏ ଦିନେ ଚିରା ଫଟା ପୋଷାକ ପରିଧାନ କରୁଥିଲା ସେ ଏବେ ସମ୍ବଲପୁରୀର ଦାମିକିଆ ଡ୍ରେସ୍ ପିନ୍ଧୁଛି ।

ଆଗକୁ ଅନେକ ସ୍ୱପ୍ନ ଦେଖୁଥିଲା ସ୍ୱପ୍ନା । ସେଦିନ କୋଠା ପାଖରେ ଠିଆ ହୋଇ ସ୍ୱପ୍ନା ଅତୀତର ସ୍ମୃତି ସବୁ ମନେ ପକାଉଥାଏ । ଆଉ ଆଖି ଆଗରେ ଥିବା ସେ ଭଙ୍ଗା କୁଡିଆ ଘରଟିକୁ ଜକ ଜକ ଦେଖୁଥାଏ ସେ ।

+ କବି କୁଟୀର, ଡଇଁଚା, ରେଢାଖୋଲ,
ସମ୍ବଲପୁର- ୭୬୮୧୦୬
ମୋ-୭୦୭୭୫୬୭୯୩୧୭

# ଅଟୋକୁ ଧକ୍କା ଦେଲା ହାଇୱା : ଚାଲିଗଲା ୩ଜଣଙ୍କ ଜୀବନ




ଅନୁଗୁଳ, ୧୯/୦୨ (ନି.ପ୍ର): ଅନୁଗୁଳ ଜିଲ୍ଲା ବନ୍ତଲା ଥାନା ଖାଲଗାଁ ନିକଟରେ ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଠାରେ ଏକ ଅଟୋକୁ ହାଇୱା ଧକ୍କା ଦେଇଥିଲା । ଏହା ଫଳରେ ୩ଜଣଙ୍କ ମୃତ୍ୟୁ ଘଟିଥିବାର ସୂଚନା ରହିଛି । ଅଟୋରେ ୩ଜଣ ସେମାନଙ୍କ ଗାଁ କୁଲାସିଂହାକୁ ଫେରୁଥିବା ବେଳେ ବନ୍ତଲା ଥାନା ଖାଲଗାଁ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ତେବେ ଦୁର୍ଘଟଣା ଘଟାଇବା ପରେ ହାଇୱାଟି ପଳାଇଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ଅନୁଗୁଳ ଜିଲ୍ଲା କୁଲାସିଂହା ଗ୍ରାମର ପୀତାମ୍ବର ପ୍ରଧାନ, ଗୁଣ୍ଡିଚା ପ୍ରଧାନ ଓ ମୁନା ପ୍ରଧାନ ଓ ଅନ୍ୟ ଦୁଇଜଣ ନୁଆଁ ରାଇଗୁଡା ଅଞ୍ଚଳକୁ ଝିଅ ଛାଡିବାକୁ ଯାଇଥିଲେ । ଝିଅକୁ ଛାଡି ନିକଟସ୍ଥ ଗାଁରେ ହେଉଥିବା ଜାଗର ଯାତ୍ରା ଦେଖି ଫେରୁଥିବା ବେଳେ ବିଳମ୍ବିତ ରାତିରେ ହାଇୱା ଏହି ଅଟୋକୁ ବାଡେଇ ଦେଇଥିବା କୁହାଯାଉଛି । ଫଳରେ ଭାରସାମ୍ୟ ହରାଇ ଅଟୋଟି ଓଲଟି ଯାଇଥିଲା । ଘଟଣା ସ୍ଥଳରେ ହିଁ ପିତାମ୍ବର ପ୍ରଧାନ ଓ ଗୁଣ୍ଡିଚା ପ୍ରଧାନଙ୍କର ମୃତ୍ୟୁ ହୋଇଥିଲା । ଗୁରୁତର ଅବସ୍ଥାରେ ଅନୁଗୁଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେବା ପରେ ଅଟୋ ଡ୍ରାଇଭର ମୁନାଙ୍କର ମୃତ୍ୟୁ ହୋଇଥିଲା । ମା ଓ ଝିଅ ଆହତ ହୋଇଥିବା ଜଣାପଡ଼ିଛି । ସେମାନଙ୍କର ଚିକିତ୍ସା ଚାଲିଛି । ଜାଗର ରାତିରେ ଏତେ ବଡ଼ ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।

# ବୈଦିକ ଗୁରୁକୁଳାଶ୍ରମରେ ଋଷିବୋଧ ଉତ୍ସବ ଓ ୬୩ତମ ବାର୍ଷିକ ଉତ୍ସବ ପାଳିତ

ରାଉରକେଲା / ଭୁବନେଶ୍ୱର, ୧୯/୦୨ (ନି.ପ୍ର): ଓଡ଼ିଶାରେ ଗୁରୁକୁଳ ଅନ୍ଦୋଳନର ମୁଖ୍ୟ ନାୟକ, କର୍ମଯୋଗୀ ଆର୍ଯ୍ୟସନ୍ନ୍ୟାସୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ପ୍ରତିଷ୍ଠିତ ବୈଦିକ ଗୁରୁକୁଳ ଆଶ୍ରମ, ବେଦବ୍ୟାସର ୬୩ତମ ବାର୍ଷିକ ଉତ୍ସବ ଓ ଆର୍ଯ୍ୟସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଋଷିବୋଧ ଉତ୍ସବ ଆଶ୍ରମର ଅଧିଷ୍ଠାତା ଆଚାର୍ଯ୍ୟ ଡଃ ଦେବବ୍ରତଙ୍କ ପୌରହିତ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବିଶିଷ୍ଟ ସନ୍ନ୍ୟାସୀ ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ କହିଲେ ଯେ, ଭାରତ ବର୍ଷରେ ମହର୍ଷି ଦୟାନନ୍ଦଙ୍କ ୨୦୦ ବର୍ଷ ଜନ୍ମ ଉତ୍ସବ ପାଳନ କରିବା ବେଳେ ଆମେ ତାଙ୍କ ସଂସ୍କାରବାଦୀ ଆନ୍ଦୋଳନର ଜଣେ ଜଣେ ସୂତ୍ରଧର ହେବା ଉଚିତ୍ । ଏହି ଅବସରରେ ପରିବ୍ରାଜକ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀଙ୍କ ସ୍ମୃତିରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ସମ୍ପାଦନାରେ ସମ୍ପାଦିତ ପ୍ରଣବ ଉପାସକ ପ୍ରଣବାନନ୍ଦକୁ ସ୍ୱାମୀଜୀ ମହାରାଜ ଲୋକାର୍ପଣ କରିଥିଲେ । ବିଶିଷ୍ଟ ଅତିଥି ଆର୍ଯ୍ୟସମାଜ, ଓଡ଼ିଶାର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଲେ ଯେ, ମହର୍ଷି ଦୟାନନ୍ଦଙ୍କ ୨୦୦ବର୍ଷ ଜୟନ୍ତୀ ସାରା ଓଡ଼ିଶାରେ ବ୍ୟାପକ ଭାବେ ପାଳନ କରିବା ପାଇଁ ସମସ୍ତ ଧର୍ମସଂସ୍ଥା ମାନଙ୍କ ସହ ସମନ୍ୱୟ ରକ୍ଷା କରି ସନ୍ଥ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯିବ ବୋଲି ସେ କହିଥିଲେ । ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡଃ ଉମାକାନ୍ତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ ସ୍ୱତନ୍ତ୍ରାନନ୍ଦ ସରସ୍ୱତୀ, ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ ଡଃ ବ୍ରହ୍ମଦ , ଶ୍ରୀମତୀ ଡ. ଉଷା ପାଢୀ, ସ୍ୱାମୀ ଶ୍ରୀସତ୍ୟ ମହର୍ଷି ଦୟାନନ୍ଦଙ୍କ ବୋଧ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ୬୩ଟି ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ କଲିକତାର ଭଜନଉପଦେଶକ ଅପୂର୍ବ ଦେବ ଶର୍ମା ଭଜନଗାନ ଓ କବିନ୍ଦ୍ର ଶାସ୍ତ୍ରୀ ଶାନ୍ତିପାଠ କରିଥିଲେ ।

# ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି : ୩ ଗିରଫ

ଯାଜପୁରସଦର, ୧୯/୦୨ (ନି.ପ୍ର): ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି ଅଭିଯୋଗରେ ୩ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ଅଭିଯୁକ୍ତଙ୍କ ନିକଟରୁ ୩ଟି ଭ୍ୟାନ୍ ଓ ୭୦ଟି ଟାୱାର ବ୍ୟାଟେରି ଉଦ୍ଧାର କରାଯାଇଛି । ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଞ୍ଚଳର ଚାନ୍ଦଅଲ୍ଲୀ ଖାଁ (୨୭), ହବିବନଗରର ସେକ୍ ସାଦିକ କାଦିର(୨୪) ଓ ବନ୍ତ ଥାନା ଚାନ୍ଦିପୁର ଅଞ୍ଚଳର ଅବଦୁଲ ରସିଦ୍ ଖାଁ(୫୫) । ଯାଜପୁର ସଦର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ସଦର ଥାନାଧିକାରୀ ମାନସ ରଞ୍ଜନ ଚକ୍ର ଏନେଇ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ଗତ କିଛିମାସ ହେଲା ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ମୋବାଇଲ୍ ଟାୱାରରୁ କ୍ରମାଗତ ଭାବେ ବ୍ୟାଟେରି ଚୋରି ହେଉଥିଲା । ଗତ ଜାନୁଆରି ଓ ଫେବ୍ରୁଆରି ମାସରେ ୪ଟି ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଥିଲା । ଥାନା କେସ୍ ନଂ ୩୬/ ୨୩ରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଥିଲା । ସେହିପରି ଫେବ୍ରୁଆରି ୧୩ ତାରିଖରେ କବୀରପୁର ଅଞ୍ଚଳରୁ ମୋବାଇଲ ଟାୱାର ବ୍ୟାଟେରି ଚୋରି ସମ୍ପର୍କରେ ଆଶିଷ ରଞ୍ଜନ ଲେଙ୍କା ସଦର ଥାନାରେ ଅଭିଯୋଗ କରିଥିଲେ । ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତମାନଙ୍କ ଗାଡ଼ି ଗୁଡ଼ିକୁ ଚିହ୍ନଟ କରାଯାଇଥିଲା । ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା । ଅଭିଯୁକ୍ତମାନେ ଯାଜପୁର ସଦର ଥାନା ସମେତ ବିଂଝାରପୁର, ମଙ୍ଗଳପୁର, ଯାଜପୁର, ଅଳକୁଣ୍ଡ, କେନ୍ଦ୍ରାପଡ଼ାର ରାଜକନିକା ଓ ଭଦ୍ରକ ଜିଲ୍ଲାର ଧାମନଗର, ଧୁଷୁରୀ ପ୍ରଭୃତି ଥାନା ଅଞ୍ଚଳରୁ କ୍ରମାଗତ ଭାବେ ମୋବାଇଲ ଟାୱାର ବ୍ୟାଟେରି ଚୋରି କରିଥିବା ସ୍ୱୀକାର କରିଥିଲେ । ଉପରୋକ୍ତ ଥାନା ଅଞ୍ଚଳରେ ଅଭିଯୁକ୍ତଙ୍କ ନାମରେ ଏକାଧିକ ଚୋରି ମାମଲା ଓ ମଙ୍ଗଳପୁର ଥାନାରେ ହତ୍ୟା ମାମଲା ଥିବା ପୁଲିସ ସୂଚନା ଦେଇଛି । ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଶ୍ରୀ ଚକ୍ର କହିଛନ୍ତି ।

## କନ୍ତିଆ ମଠରେ ୧୯୭୬ ବ୍ୟାଚର ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

କେନ୍ଦ୍ରାପଡା, ୧୯/୦୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ପଂଚାୟତର କନ୍ତିଆ ମଠ ଠାରେ ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା କରିଲୋପାଟଣା ଅନ୍ତର୍ଗତ ଜୟରାମ ହାଇସ୍କୁଲର ୧୯୭୬ ବ୍ୟାଚର ଏକ ବନ୍ଧୁ ମିଳନରେ ଛାତ୍ରଛାତ୍ରୀ ମାନେ ସେ ସମୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୁରୁ ପୂଜନ କରିବା ସହ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ଶ୍ରୀଯୁକ୍ତ ମଦନ ମୋହନ ସାମଲ, ଧରଣୀଧର ଷଡଙ୍ଗୀ, ନିଶାମଣି ପରିଡା, ବିଜୟ କୁମାର ପ୍ରଧାନ, ଶରତ ଚନ୍ଦ୍ର ଜେନା,ନାରାୟଣ ଚନ୍ଦ୍ର ବିଶ୍ୱାଳ, ଜାହ୍ନୁ ଚରଣ ବେହେରା, ଭରତ ଚନ୍ଦ୍ର ଦାସ, ନରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ମଂଚାସୀନ ହୋଇଥିଲେ । ଉପସ୍ଥିତ ଥିବା ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସ୍କୁଲର ଉନବ୍ନତି ଓ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ ।

## ଡାକ ମେଳା ଅନୁଷ୍ଠିତ

ଜୟପୁର, ୧୯/୦୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କେବିଡି ଠାରେ ଡାକ ମେଳା ଅନୁଷ୍ଠିତ ହୋଇଛି । କୋରାପୁଟ ଡାକ ମଣ୍ଡଳ ତରଫରୁ ଏହି ମେଳା ଆୟୋଜନ କରାଯାଇଥିଲା । ଏହି ମେଳାରେ ଜୟପର ବିଧାୟକ ତାରା ପ୍ରସାଦ ବାହନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏସଏସପି ମନୋଜ ପ୍ରଗଡା, ଉପଖଣ୍ଡ ଷୋଲ୍ଡ ସଂଚୟ ଅଧିକାରି ଅଭିଷିକ୍ତ ପରିଡା ସହ କେବିଡି , ରାଣିଗଡ ଓ ପୁଜାରିପୁଟ ସରପଂଚ ଉପସ୍ଥିତ ଥିଲେ । ସେ ଠାରେ ଡାକ ବିଭାଗ ତରଫରୁ ଷ୍ଟଲ କରାଯାଇଥିଲା । ଏହି ମେଳାର ମୁଖ୍ୟ ଉଦ୍ଦେଷ୍ୟ ହେଲା ଲୋକମାନଙ୍କୁ ବିଭିନ୍ନ ଜିନିଷ ଉପରେ ସଚେତନ କରିବା ।

# ଏସଏଫଏସଏଲ୍ ନିର୍ଦ୍ଦେଶକ ହାଇକୋର୍ଟରେ ହାଜର

## ଆଧୁନିକୀକରଣ ପଦକ୍ଷେପ ପ୍ରସଂଗରେ ସତ୍ୟପାଠ ଦାଖଲ ନିର୍ଦ୍ଦେଶ




କଟକ , ୧୯/୦୨ (ନି.ପ୍ର): ଅପରାଧିକ ମାମଲାରେ କେମିକାଲ ଏକ୍‌ଜାମିନେସନ୍ ଓ ଅନ୍ୟାନ୍ୟ ଫରେନ୍ସିକ୍ ରିପୋର୍ଟ ମିଳିବାରେ ବିଳମ୍ବ ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି । ହାଇକୋର୍ଟ ଏ ସଂପର୍କିତ ଏକ ମାମଲାର ଫେବ୍ରୁଆରି ୩ରେ ଶୁଣାଣି କରି ରସୁଲଗଡ଼ସ୍ଥିତ ଫରେନ୍ସିକ୍ ସାଇନ୍ସ ଲାବୋରେଟୋରି (ଏସଏଫଏସଏଲ) ନିର୍ଦ୍ଦେଶକଙ୍କୁ ଭର୍ଚୁଆଲ ବ୍ୟବସ୍ଥାରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଏସଏଫଏସଏଲ ନିର୍ଦ୍ଦେଶକ ରାଜେଶ କୁମାର ହାଜର ହୋଇ ଦର୍ଶାଇଥିଲେ ଯେ କେମିକାଲ ଟେଷ୍ଟ ରିପୋର୍ଟ ବିଳମ୍ବ ପାଇଁ ଲୋକବଳ ଅଭାବ ଏକ କାରଣ । ବହୁ ମାମଲା ଆସୁଥିବା ବେଳେ କେମିକାଲ ଏକାଜିମିନେସନ୍ ପାଇଁ ଆବଶ୍ୟକ ସରଞ୍ଜାମ ସହିତ ଆଞ୍ଚଳିକ ଲାବୋରେଟୋରି ଆଧୁନିକୀକରଣର ଅଭାବ ଯୋଗୁଁ କେମିକାଲ ଟେଷ୍ଟ ରିପୋର୍ଟ ମିଳିବାରେ ବିଳମ୍ବ ହେଉଛି ବୋଲି ନିର୍ଦ୍ଦେଶକ କହିଥିଲେ । ତୁରନ୍ତ ଟେଷ୍ଟ ରିପୋର୍ଟ ପ୍ରକାଶ ସୁନିଶ୍ଚିତ କରିବା ପାଇଁ ଆଞ୍ଚଳିକ ଲାବୋରେଟୋରି ବ୍ୟବସ୍ଥାର ଆଧୁନିକୀକରଣ ଲାଗି କଣ ପଦେକ୍ଷପ ଗ୍ରହଣ କରାଯାଉଛି ସେ ନେଇ ହାଇକୋର୍ଟ ଜବାବ ତଲବ କରିଛନ୍ତି । ଏସଏଫଏସଏଲ ନିର୍ଦ୍ଦେଶକ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଏ ସଂପର୍କିତ ସତ୍ୟପାଠ ଦାଖଲ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଫେବ୍ରୁଆରି ୨୭କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ଡକ୍ଟର ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବି. ବେହେରାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି ।

# ଅବ୍ୟବସ୍ଥା ଭିତରେ ଚମ୍ପୁଆ ଡାକ୍ତରଖାନା : ଭଗବାନଙ୍କ ଭରସାରେ ରୋଗୀ

ଚମ୍ପୁଆ, ୧୯/୦୨ (ନି.ପ୍ର): ଉପାନ୍ତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ରେ ରୋଗୀ ସେବା ପାଉ ନ ଥିବା ଦେଖିବାକୁ ମିଳୁଛି କ୍ଷ ସ୍ୱାସ୍ଥ୍ୟ ସେବା ନାମରେ ରୋଗୀଙ୍କୁ ଅଣଦେଖା କରିବାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ସ୍ତ୍ରୀ ଓ ମହିଳା ବିଭାଗରେ ଦିନକୁ ଦିନ ଅବ୍ୟବସ୍ଥା ସୀମା ଟପୁଥିବାବେଳେ ଆବଶ୍ୟକ ବେଳେ ଡାକ୍ତର ରୋଗୀଙ୍କୁ ଦେଖୁ ନ ଥିବାରୁ ଭଗବାନଙ୍କ ଭରସାରେ ରୋଗୀ । ମହିଳା ଓ ସ୍ତ୍ରୀ ରୋଗ ବିଭାଗରେ ୨ ଟି ଯାକ ଡାକ୍ତର ପଦବୀ ଖାଲି ପଡ଼ିଥିବାବେଳେ ଏହି ପଦବୀରେ ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରୁ ୨ ଜଣ ମହିଳା ଡାକ୍ତରଙ୍କୁ ନିଯୁକ୍ତି ଦିଆ ଯାଇଛି, କିନ୍ତୁ ଏହି ଦୁଇ ଡାକ୍ତର ଡାକ୍ତରଖାନାରେ ଅଧିକ ସମୟ ରହୁନଥିବାରୁ ଏଠାରେ ରୋଗୀ ସେବା ଏକ ପ୍ରକାର ପ୍ରହସନରେ ପରିଣତ ହୋଇଛି । ଆଜି ଆଡମିଟ ହେବାର ଦୀର୍ଘ ୬ ଘଂଟା ବିତି ଯାଇଥିଲେ ମଧ ଡାକ୍ତର ରୋଗୀଙ୍କୁ ନ ଦେଖିବା ଦ୍ୱାରା ମହିଳାଙ୍କ ଅବସ୍ଥା ଗୁରୁତର ହେବାକୁ ନେଇ ଡାକ୍ତରଖାନାରେ ଉତେଜନା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ଝାରଖଣ୍ଡ ରାଜ୍ୟ ଜଗନ୍ନାଥ ପୁର ଅଂଚଳର ରମଜାନ ଗୋପ ତାଙ୍କ ସ୍ତ୍ରୀ ସୁକମତି ଗୋପଙ୍କୁ ମାତ୍ରାଧିକ ରକ୍ତଶ୍ରାବ ହେତୁ ଡାକ୍ତରଖାନାର ମହିଳା ଓ ସ୍ତ୍ରୀ ରୋଗ ବିଭାଗରେ ଦିନ ୧୧ ଟା ବେଳେ ଆଡମିଟ କରାଇଥିଲେ ମଧ ଅପରାହ୍ନ ୪ ଟା ପର୍ଯ୍ୟନ୍ତ କୌଣସି ଡାକ୍ତର ତାଙ୍କୁ ଦେଖିବାକୁ ଆସି ନ ଥିବାବେଳେ ଆଡ଼ମିଟ ସମୟରେ ଡିୟୁଟିରେ ଥିବା ନର୍ସ କେବଳ ଏକ ସାଲାଇନ ଦେଇ ନିଜର କର୍ତବ୍ୟ ସାରିଦେଇଥିବାରୁ ବେଳକୁ ବେଳ ତାଙ୍କର ଅବସ୍ଥା ଗୁରୁତର ହୋଇଥିଲା । ସ୍ତ୍ରୀ ର ଗୁରୁତର ଅବସ୍ଥା ଦେଖି ସ୍ୱାମୀ ରୋଗୀ ବିଷୟରେ ବାରମ୍ବାର ଡାକ୍ତରଖାନା କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କେହି ହେଲେ କୌଣସି ଗୁରୁତ୍ୱ ନ ଦେବାରୁ କିଛିସମୟ ଉତେଜନା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକ ଏନେଇ ଡାକ୍ତରଖାନାରେ ପାଟିତୁଣ୍ଡ କରିଥିଲେ ହେଁ ସ୍ତ୍ରୀ ଓ ମହିଳା ବିଭାଗର ଦୁଇ ଜଣ ଡାକ୍ତରଙ୍କ ମଧ୍ୟରୁ କାହାରି ଦେଖା ମିଳିନଥିଲା । ଯାହାକୁ ନେଇ କିଛି ସମୟ ପାଇଁ ଉତେଜନା ବୃଦ୍ଧି ପାଇଥିବାବେଳେ କିଛି ଲୋକ ଡାକ୍ତରଖାନା କର୍ମଚାରୀଙ୍କୁ ଏ ସମ୍ପର୍କରେ ତାଗିଦ କରିଥିଲେ । ବାରମ୍ବାର ଦାବୀ ସତ୍ୱେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ସ୍ଥାୟୀ ଡାକ୍ତର ଦିଆ ଯାଉ ନ ଥିବାରୁ ରୋଗୀ ଆବଶ୍ୟକ ସମୟରେ ସେବା ନ ପାଇ ହଇରାଣ ହେଉଛନ୍ତି । ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରୁ ନିଯୁକ୍ତି ଦୁଇ ଡାକ୍ତର ମନଇଚ୍ଛା କାର୍ଯ୍ୟ କରିବା ଓ ଅଧିକାଂଶ ସମୟ ଡାକ୍ତରଖାନାରେ ଅନୁପସ୍ଥିତ ରହିବା ଯୋଗୁଁ ଏପରି ଅବ୍ୟବସ୍ଥା ବାରମ୍ବାର ଦେଖିବାକୁ ମିଳୁଛି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

# ସିରିସ୍-କୁତୁର୍ଲା ବ୍ରିଜ୍ ଭିତ୍ତିପ୍ରସ୍ତର ଦେଲେ ନରସିଂହ

ବଲାଙ୍ଗିର, ୧୯/୦୨ (ନି.ପ୍ର): ବଲାଙ୍ଗିର ବ୍ଲକ ଅନ୍ତର୍ଗତ କୁଡାସିଂହାର ସିରିସ-କୁତୁର୍ଲା ବ୍ରିଜର ଶୁଭ ଭିତିପ୍ରସ୍ତର ସ୍ଥାପନ ବଲାଙ୍ଗିର ବିଧାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ନିର୍ମାଣ ହେବାକୁ ଥିବା ଏହି ବ୍ରିଜ ନାଇକେନ ଜୋର ଉପରେ ନିର୍ମାଣ ହେବ । ଏହାର ବ୍ୟୟ ଅଟକଳ ୩ କୋଟି ୯୩ ଲକ୍ଷ ୧୮ ହଜାର ଟଙ୍କା ମଞ୍ଜୁର ହୋଇଛି ଯାହାକୁ ଏହି ବର୍ଷ ଭିତରେ ସଂପୂର୍ଣ୍ଣ କରିବାର ଲକ୍ଷ ରଖାଯାଇଛି । ଏହି ବ୍ରିଜ ନିର୍ମାଣ ହେବା ଦ୍ୱାରା ସିରିସ ଓ କୁତୁର୍ଲା ମଧ୍ୟରେ ଯୋଗାଯୋଗ ମଜବୁତ ହେବ । ଯାହା ଫଳରେ ଅଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଏହି ପୋଲ ଅଂଚଳ ପାଇଁ ଆଶୀର୍ବାଦ ସଦୃଶ ହେବ । ଏହା ସହ ଉପସ୍ଥିତ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଏହି ବ୍ରିଜଟି ସମୟ ସୀମା ପୂର୍ବରୁ ଯେମିତ ସମ୍ପୂର୍ଣ୍ଣ ହେବ ସେ ଦିଗରେ କାମ କରିବା ସହ ଏହି କାମରେ ଗ୍ରାମବାସୀମାନେ ସଂପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ଶ୍ରୀ ମିଶ୍ର କହିଥିଲେ । କାର୍ଯ୍ୟକ୍ରମ ପରେ ଅଧିକ୍ଷଣ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର ଜେନାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିବା ଭିତିପ୍ରସ୍ତର ସଭାରେ ଗ୍ରାମବାସୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତା, ରାସନ କାର୍ଡ ଓ ବିଭିନ୍ନ ଭତାମାନଙ୍କୁ ନେଇ ଆପତି ଅଭିଯୋଗ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଞ୍ଜିନିୟର ଜ୍ଞାନ ରାଉତ, ବିରେନ୍ଦ୍ର ମିଶ୍ର, ପ୍ରମୋଦ ସାହୁ, ଜୁଲୁ ପଟ୍ଟନାୟକ, ଭୁଡିଆରବାହାଲ ସରପଂଚ ନୀଳ ସେଠ, ଲିଙ୍ଗରାଜ ପୁଟେଲ, ସରୋଜ ରଥ, ଅଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୫-୨୦ ଦିନ ପରେ ମଧ ଚାଷୀଙ୍କ ଆକାଉଣ୍ଟକୁ ଯାଉନି ଧାନ ବିକା ଟଙ୍କା

କେନ୍ଦ୍ରାପଡା, ୧୯/୦୨ (ନି.ପ୍ର): ପ୍ରାଥମିକ କୃଷି ସମବାୟ ସମିତିକୁ ଧାନ ବିକୁଥିବା ଚାଷୀମାନେ ବିକିବାର ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଧାନ ବିକା ମୂଲ୍ୟ ପହଁଚିବ ବୋଲି ନୀତିଗତ ନିଷ୍ପତି ନେଇଥିବା ବେଳେ ଜିଲ୍ଲା ପ୍ରଶାସନ ମଧ ଏ ଦିଗରେ ଆବଶ୍ୟକ ନିର୍ଦ୍ଦେଶାବଳୀ ଜିଲ୍ଲା ଯୋଗାଣ ବିଭାଗ ଓ ପ୍ରାଥମିକ କୃଷି ସମବାୟ ସମିତିକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପ୍ରାଥମିକ କୃଷି ସମବାୟ ମାଧ୍ୟମରେ ଚାଷୀ ମାନଙ୍କ ଠାରୁ ଧାନ କିଣିବା ନିଷ୍ପତି ଗ୍ରହଣ କରି ଏଥିପାଇଁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ମାତ୍ର ବାସ୍ତବ କ୍ଷେତ୍ରରେ ଚାଷୀ ଧାନ ବିକିବାର ୧୫ -୨୦ ଦିନ ପରେ ମଧ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଆସୁ ନଥିବାରୁ ଧାନ ବିକିଥିବା ଚାଷୀ ସମବାୟ ସମିତିକୁ ଦୌଡି ଦୌଡି ନୟାନ୍ତ ହେଉଥିବା ଦେଖିବାକୁ ମିଳୁଛି । ଏନେଇ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା, ଓ ସଂପାଦକ ପ୍ରେମାଞ୍ଜନ ସାହୁ ଯୋଗାଣ ବିଭାଗର ଅସହଯୋଗରୁ ଏଭଳି ସମସ୍ୟା ବଢିବାରେ ଲାଗିଛି ବୋଲି ସୂଚନା ଦେଇଛନ୍ତି । ଓସ୍ତପୁର ସମବାୟ ସମିତିରେ ୧ ହଜାର ୨୬ଚାଷୀ ପଞ୍ଜିକରଣ କରିଥିବା ବେଳେ ୫୩୬ ଚାଷୀଙ୍କ ଠାରୁ ୧୬ ହଜାର ୫୦ କ୍ୱିଣ୍ଟାଲ ଧାନ କିଣା ଯାଇଛି । ଏହି ସୋସାଇଟରେ ୪୦ ହଜାର କ୍ୱିଣ୍ଟାଲ ଧାନ ଆବଶ୍ୟକତା ଥିଲେ ମଧ ଜାନୁଆରୀ ମାସ ସୁଦ୍ଧା ଟୋକନ ଧାର୍ଯ୍ୟ ପୁରଣ ହୋଇଥିଲେ ମଧ ଚାଷୀ ନିର୍ଦ୍ଦିଷ୍ଟ ସମୟରେ ଟଙ୍କା ପାଉ ନଥିବାରୁ ସମସ୍ୟା ସୃଷ୍ଟି ହେଉଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି ।

# ପ୍ରଧାନମନ୍ତ୍ରୀ ଫସଲବୀମାରୁ ମୁହଁ ଫେରାଉଛନ୍ତି ଚାଷୀ



ଜୟପୁର, ୧୯/୦୨ (ନି.ପ୍ର): ଚାଷୀଙ୍କ ଜମିରେ ଚକଡ଼ା ପୋକ ଲାଗି କ୍ଷତି ହେବା କିମ୍ବା ଅନ୍ୟାନ୍ୟ ପ୍ରାକୃତିକ ଦୈବିଦୁର୍ବିପାକରେ ପସଲ ନଷ୍ଟ ହେଲେ ସୁଦ୍ଧା ପ୍ରଧାନମନ୍ତ୍ରୀ ପସଲ ବୀମା ଯୋଜନାରୁ ବୀମା ଟଙ୍କା ମିଳୁ ନଥିବାରୁ ଜିଲ୍ଲାର ଚାଷୀ ମାନେ ଏହି ବୀମା କରିବାରୁ ମୁହଁ ଫେରାଇଛନ୍ତି । ଜିଲ୍ଲାର ୧୪ଟି ବ୍ଲକରେ ୧ଲକ୍ଷ ୬୬ହଜାର ୭୩୪ଜଣ ବିଭିନ୍ନ ବର୍ଗର ଚାଷୀ ପରିବାର ୨ଲକ୍ଷ ୮୯ହଜାର ୫୫୦ହେକ୍ଟର ଜମିରେ ଚାଷ କରୁଛନ୍ତି । ଯେତିକି ପରିମାଣର ଚାଷୀ ରହିଛନ୍ତି ତାହାର ମାତ୍ର ୨୦.୩୧% ପ୍ରତିଶତ ଅର୍ଥାତ ୮୨୦୭ଜଣ ଚାଷୀ ବୀମା କରିଛନ୍ତି । ଯାହାକି ଚାଷୀ ଓ ଚାଷ କରୁଥିବା ଜମିର ପରିମାଣକୁ ଦେଖାଗଲେ ସମୁଦ୍ରକୁ ଶଙ୍ଖେ । ସୂଚନା ଯୋଗ୍ୟ, ଜିଲ୍ଲାର ୧୪ଟି ବ୍ଲକରେ ୧ଲକ୍ଷ ୬୬ହଜାର ୭୩୪ଜଣ ବିଭିନ୍ନ ବର୍ଗର ଚାଷୀ ପରିବାର ବସ ବାସ କରୁଛନ୍ତି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ, ୧୦ହେକ୍ଟରରୁ ଅଧିକା ଜମି ୪୯୪(୦.୨୯%) ଜଣ ବଡ ଚାଷୀ ରହିଛନ୍ତି । ସେପରି ୪ହେକ୍ଟରରୁ ୧୦ହେକ୍ଟର ମଧ୍ୟରେ ୪ହଜାର ୫୯୬(୨.୭୫%)ଜଣ ମଧ୍ୟମ ଚାଷୀ, ୨ରୁ ୪ହେକ୍ଟର ମଧ୍ୟରେ ୨୨ହଜାର ୮୩୦(୧୩.୭%) ଜଣ ସେମି-ମଧ୍ୟମ ଚାଷୀ, ଏକ ହେକ୍ଟରୁ ୨ହେକ୍ଟର ମଧ୍ୟରେ ୫୩ହଜାର ୭୪୩(୩୨.୨%) ଜଣ କ୍ଷୁଦ୍ର ଚାଷୀ, ଏକ ହେକ୍ଟର ମଧ୍ୟରେ ୮୫ହଜାର ୦୭୧ଜଣ (୫୧ପ୍ରତିଶତ) ଚାଷୀ ପରିବାର ଏଭଳି ସର୍ବମୋଟ ୧ଲକ୍ଷ ୬୬ହଜାର ୭୩୪ଜଣ ଚାଷୀ ୨ଲକ୍ଷ ୮୯ହଜାର ୫୫୦ହେକ୍ଟର ଜମିରେ ଚାଷ କରୁଛନ୍ତି । ଏମାନଙ୍କ ମଧ୍ୟରୁ ବିଭିନ୍ନ ବ୍ୟାଙ୍କ, ସମବାୟ ସଂସ୍ଥା, ଲ୍ୟାମ୍ପ ଆଦିରୁ ଋଣ ନେଇଥିବା ୫୦୭୩ଜଣ ଓ ଋଣ ନେଇ ନଥିବା ୩୧୩୪ଜଣ ଏଭଳି ୮ହଜାର ୨୦୭ ଜଣ ଚାଷୀ ୨୫୬୧.୨୫ହେକ୍ଟର ଜମି ପାଇଁ ୭୭ଲକ୍ଷ ୬୯ହଜାର ୬୨୪ଟଙ୍କା ୩୧ପଇସା ଦାଖଲ କରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ ହୋଇଛନ୍ତି । ଚାଷୀ ମାନେ ଏହି ଯୋଜନାରେ ସାମିଲ ହେବାରୁ କାହିଁକି ମୁହଁ ଫେରାଉଛନ୍ତି ତାହାର ସଠିକ ଭାବେ ଯାଂଚ କରି ଏଭଳି ଭଲ ଯୋଜନାରେ ଅଧିକାରୁ ଅଧିକା ଚାଷୀ ଯେଭଳି ସାମିଲ ହୋଇ ପାରିବେ ସେ ଦିଗରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ବୌଦ୍ଧିକ ସଂପଦ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୧୯/୦୨ (ନି.ପ୍ର): ବିଜ୍ଞାନ ଓ କାରିଗରୀ ବିଭାଗର ସହଯୋଗ କ୍ରମେ ଭୁବନେଶ୍ୱର ସିଟି ନଲେଜ ଇନୋଭେସନ୍ କ୍ଲଷ୍ଟର ଫାଉଣ୍ଡେସନ୍ ଓ ଦିଲ୍ଲୀସ୍ଥିତ ଭାରତୀୟ ପେଟେଣ୍ଟ ଦପ୍ତରର ମିଳିତ ଆନୁକୂଲ୍ୟରେ ଆଜି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ବୌଦ୍ଧିକ ସଂପଦ ଉପରେ ଦୁଇଟି ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧିକ ସଂପଦ ନେଇ ରାଜ୍ୟର ଛାତ୍ରଛାତ୍ରୀ, ଗବେଷକ ଓ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉପରେ ଉଭୟ ସଭାରେ ଗୁରୁତ୍ୱ ଆରୋପ କରାଯାଇଛି । ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୌଦ୍ଧିକ ସଂପଦ ଉପରେ ଅଧିକ ଜ୍ଞାନ ଆହରଣ ଏବଂ ସଂପଦ ଅଧିକାର ଦିଗରେ ଆବେଦନ ତଥା ପଂଜୀକରଣ ପାଇଁ ସୁବିଧା ଉପଲବ୍ଧ ହେବ ବୋଲି ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ କୁହାଯାଇଛି । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଉପରୋକ୍ତ ଦୁଇଟି କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ପୂଜା ମିଶ୍ର, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀଚରଣ ରଥ ବକ୍ତବ୍ୟ ରଖି ଏପରି ସୁବିଧାର ସୁଯୋଗ ନେବା ନିମନ୍ତେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଦିଲ୍ଲୀସ୍ଥିତ ଜାତୀୟ ବୌଦ୍ଧିକ ସଂପତ୍ତି ସଚେତନତା ମିଶନ (ନିପାମ୍)ର କାର୍ଯ୍ୟକର୍ତ୍ତା ତଥା ଭାରତୀୟ ପେଟେଣ୍ଟ ଦପ୍ତରର ପରୀକ୍ଷକ ଶ୍ରୀମତୀ ଛବି ଗର୍ଗ ଉଭୟ କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗର ଏପରି ଉଦ୍ୟମକୁ ପ୍ରଶଂସା କରିଥିଲେ ।

## ଯୁବ ବିଜେଡିର ଜିଲ୍ଲା ଉପ ସଭାପତି ହେଲେ ଶିବୁ ରଣା



ବାରିପଦା, ୧୯/୦୨ (ନି.ପ୍ର): ବିଜୁ ଯୁବ ଜନତା ଦଳର ମୟୂରଭଂଜ ଜିଲ୍ଲା କମିଟି ପରିବର୍ଦ୍ଧିତ ହେବା ସହ ନୂତନ ଭାବେ ପ୍ରକାଶ ପାଇଥିବା ସୂଚୀ ଅନୁଯାୟୀ ନୂତନ ଭାବେ ଜିଲ୍ଲା ଉପ ସଭାପତି ଭାବେ ଶିବ ନାରାୟଣ ରଣାଙ୍କୁ ଚୟନ କରାଯାଇଥିବାର ଜଣାଯାଇଛି । ଶ୍ରୀ ରଣା ଜଣେ ଦକ୍ଷ ଯୁବ କର୍ମୀ ଭାବରେ ଦଳରେ ଦୀର୍ଘଦିନ କାମ କରିଆସୁ ଥିବାରୁ ତାଙ୍କୁ ଏହି ନିଯୁକ୍ତି ମିଳିଥିବା ବେଳେ, ସେ ଏଥିପାଇଁ ମୁଖ୍ୟମନ୍ତ୍ରୀ ତ ଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ ଏବଂ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ନବନିର୍ମିତ ସତସଙ୍ଗ ମନ୍ଦିରର ପ୍ରତିଷ୍ଠା

ବାଲେଶ୍ୱର, ୧୯/୦୨ (ନି.ପ୍ର): ବିଶିଷ୍ଟ ସମାଜ ସଂସ୍କାରକ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ନବନିର୍ମିତ ସତସଙ୍ଗ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଠାକୁରଙ୍କ ୧୩୫ତମ ଆବିର୍ଭାବ ମହୋତ୍ସବ ପାଳନ ଅବସରରେ ଆୟୋଜିତ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପ୍ରପୌତ୍ର ଅନିନ୍ଦ୍ୟ ଦ୍ୱିତୀ ଚକ୍ରବର୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସଂସ୍କାରଯୁକ୍ତ ପରିବାର ଗଠନ ଓ ସମାଜ ନିର୍ମାଣରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ନୀତି ଆଦର୍ଶର ଅବଦାନ ସମ୍ପର୍କରେ ସେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଉଦବୋଧନ ଦେଇଥିଲେ । ମନ୍ଦିର ପ୍ରତିଷ୍ଠା ଓ ଶ୍ରୀ ଶ୍ରୀ ଠାକୁରଙ୍କ ୧୩୫ତମ ଆବିର୍ଭାବ ମହୋତ୍ସବ ପାଳନ ଅବସରରେ ପ୍ରାତଃ କାଳରୁ ଉଷାକୀର୍ତ୍ତନ, ସମବେତ ବିନତୀ ପ୍ରାର୍ଥନା, ସ୍ୱସ୍ତି ମହାଯଜ୍ଞ, ନଗର କୀର୍ତନ ପ୍ରଭୃତି ଅନୁଷ୍ଠିତ ହୋଇଥିଲା । ସେହିପରି ସନ୍ଧ୍ୟାରେ ପାଲା ପରିବେଷଣ ସହ ଭଜନ କୀର୍ତନ, ସାନ୍ଧ୍ୟ ବିନତୀ ପ୍ରାର୍ଥନା, ଆତସବାଜି ଓ ବିଚିତ୍ରାନୁଷ୍ଠାନ ପ୍ରଭୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଗୋଟିଏ ବର୍ଷ ପାଠ ପଢ଼ାରୁ ଦୂରେଇ ଗଲେ 'ସୋନାଲି'



ଉଦଳା, ୧୯/୦୨ (ନି.ପ୍ର): ଘଟଣାଟି ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଘୁଂଟିବଣି ଗ୍ରାମର । ଏହି ଗ୍ରାମର ବାସିନ୍ଦା ଶରତଚନ୍ଦ୍ର ସିଂ ଓ ଝୁମୁରି ସିଂଙ୍କର କନ୍ୟା ସୋନାଲି ପାଠ ପଢ଼ିବା ପାଇଁ ଗ୍ରାମରେ ଥିବା ଅଙ୍ଗନୱାଡ଼ିକେନ୍ଦ୍ରରେ ନାମ ଲେଖାଇଥିଲେ । କିଛିବର୍ଷ ପରେ ଅଙ୍ଗନୱାଡ଼ି ଦିଦି ସୋନାଲିର ବାପାଙ୍କୁ ଡ଼ାକି, ଆପଣଙ୍କ ଝିଅର ଅଙ୍ଗନୱାଡ଼ି ପାଠ ସାରିବାର ବୟସ ହୋଇ ଯାଇଛି । ଏବେ ତାକୁ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାନ୍ତୁ ବୋଲି କହି ଅଙ୍ଗନୱାଡ଼ି ପାସର ପ୍ରମାଣପତ୍ର ପ୍ରଦାନ କଲେ । ଏହାପରେ ସୋନାଲିକୁ ସାଙ୍ଗରେ ନେଇ ବାପା ଶରତ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଗଲେ । କିନ୍ତୁ ଏଠାରେ କାର୍ଯ୍ୟରତ ଶିକ୍ଷକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସୋନାଲିର ବୟସ ହୋଇନାହିଁ ବୋଲି କହି ଫେରାଇଦେଲେ । ଫଳରେ ଗୋଟିଏ ବର୍ଷ ଧରି ସୋନାଲି ପାଠ ପଢ଼ାରୁ ବଂଚିତ ହେଲେ । ବର୍ତମାନ ସୁଧା ସୋନାଲି କୌଣସି ବିଦ୍ୟାଳୟରେ ନାମ ଲେଖାଇ ନାହାଁନ୍ତି । ସୋନାଲିର ଆଧାର କାର୍ଡ଼ରେ ତାର ଜନ୍ମ ତାରିଖ ୨୦୧୫ ମସିହା ସେପ୍ଟେମ୍ବର ମାସ ୧୯ ତାରିଖ ଉଲ୍ଲେଖ ରହିଛି । ଉକ୍ତ ଘଟଣାକୁ କେନ୍ଦ୍ର କରି ବର୍ତମାନ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । କେତେକ ଅଙ୍ଗନୱାଡ଼ି ଦିଦିଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଗଣିତ ପାଠରେ କଂଚି ଅଛନ୍ତି, ଯେଉଁଥିପାଇଁ ଠିକ୍ ଭାବରେ ବୟସ ଆକଳନ କରିପାରୁ ନାହାଁନ୍ତି ବୋଲି ମତ ଦେଉଥିବାର ଶୁଣିବାକୁ ମିଳୁଛି । କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ଶରୀର ଦାନ କରିବେ ଶିକ୍ଷୟିତ୍ରୀ



ଖଇରା, ୧୯/୦୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ର ବିଭିନ୍ନ ସଂଗଠନ ସହ ଜଡିତ ଥିବା ବିଶିଷ୍ଟ କବୟିତ୍ରୀ କୁଞ୍ଜଲତା ମାହୁନ୍ତ କଟକ ବଡ ମେଡିକାଲକୁ ଶରୀର ଓ ଅଙ୍ଗଦାନ କରିବାକୁ ଆବେଦନ ପରେ ନିକଟରେ ତାଙ୍କୁ ସ୍ୱିକୃତି ମିଳିଛି । ଏହି ଖବର ପ୍ରଚାର ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତଙ୍କ ବୋହୂ ତଥା ଜୟନ୍ତ କୁମାର ରାଉତଙ୍କ ପତ୍ନୀ କୁଞ୍ଜଲତା ଏବେ ଗଣ୍ଡିବେଡ଼ କୃଷ୍ଣପ୍ରସାଦ ଶିକ୍ଷାକେନ୍ଦ୍ରରେ ଶିକ୍ଷକତା କରୁଥିବା ବେଳେ ଜଣେ କବୟିତ୍ରୀ ଭାବେ ଖଇରା ଅଞ୍ଚଳରେ ବେଶ ଜଣାଶୁଣା । ପ୍ରତିଭା ପରିବାର, କୁନ୍ତଳାକଲ୍ୟାଣି ସାହିତ୍ୟ ସଂସଦ, ଜନହିତ ଯୁବକ ସଂଘ, ପୂଜ୍ୟପୂଜା ସଂସଦ, ସର୍ବମଙ୍ଗଳା ସଂସ୍ଥାପନ, ସମାଜସେବୀ ମହାସଂଘ ବାଲେଶ୍ୱର ଭଳି ବହୁ ସଂଗଠନ ସହ ଜଡିତ ରହି ଜନସାଧରଣଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛନ୍ତି । କଟକ ବଡମେଡିକାଲରେ ମେଡିକାଲ ପଢୁଥିବା ଛାତ୍ରୀଛାତ୍ର ମାନଙ୍କର ଶିକ୍ଷା ଓ ଗବେଷଣା ଲାଗି ସେ ତାଙ୍କର ଶରୀର ଦାନ ଲାଗି କର୍ତ୍ତୃପକ୍ଷଙ୍କୁ ଆବେଦନ କରିଥିଲେ । ଏବେ ନିକଟରେ ତାଙ୍କୁ ମଞ୍ଜୁରୀ ମିଳିଛି । ପିଲାବେଳୁ ଏହା ତାଙ୍କର ଇଛାଥିଲା । ଏହା ପୂରଣ ହେବାକୁ ଯାଉଥିବାରୁ ତାଙ୍କୁ ଆତ୍ମସନ୍ତୋଷ ମିଳିଛି ବୋଲି କୁଞ୍ଜଲତା ପ୍ରକାଶ କରିଛନ୍ତି ।

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ୮୭ ତମ ଶିବ ଜୟନ୍ତୀ ପାଳିତ



ବାରିପଦା, ୧୯/୦୨ (ନି.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ରାଜଯୋଗ ଭବନ, ପୁରୁଣା ହାଟସାହି ସେବା କେନ୍ଦ୍ରରେ ୮୭ ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ସେବା କେନ୍ଦ୍ରର ସଞ୍ଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ଉମା ଭଉଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ବିଜ୍ଞାନ ପ୍ରଫେସର ଏମ. ହିମାବିନ୍ଦୁ ଯୋଗଦେଇ ପରମାତ୍ମା ଶିବଙ୍କର ସାନିଧ ଲାଭ କରି ଜୀବନର ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବାର କରୁଣା ପ୍ରଦାନ ଶିବ ବାବା କରିଥାନ୍ତି ବୋଲି ମତ ବ୍ୟକ୍ତ କରିଥିଲେ । ସମ୍ମାନୀୟ ଅତିଥି ରୂପେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲର (ଏଚଓଡି) ନିର୍ଦ୍ଦେଶକ ବିଜନ ପଟ୍ଟନାଏକ ଯୋଗଦେଇ ବାବା ଶିବଙ୍କର ଅଶେଷ ଗୁଣଗାନ କରିଥିଲେ । ବ୍ରହ୍ମା କୁମାରୀ ଉମା ଭଉଣୀ ଅତିଥି ମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା କରିବା ସଙ୍ଗେ ସଙ୍ଗେ ମହା ଶିବରାତ୍ରୀ ଅଧ୍ୟାତ୍ମିକ ରହସ୍ୟ ତଥା ପରମାତ୍ମା ଶିବ ବାବାଙ୍କ ଦିବ୍ୟ ଅଲୌକିକ ଜନ୍ମ ସମ୍ବନ୍ଧରେ ବୁଝାଇଥିଲେ । ବ୍ରହ୍ମା କୁମାରୀ ଗୀତା ସଂସ୍ଥା ପରିଚୟ ଦେବା ସଙ୍ଗେ ସଙ୍ଗେ ଅତିଥି ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ଭାଇ ଭଉଣୀ ଙ୍କ ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କେକ୍ କଟା ଯାଇଥିଲା ଏବଂ ୮୭ ଶିବ ବାବାଙ୍କ ଜୟନ୍ତୀ ପାଳନ ଅବସରରେ ଶପଥ ପାଠ କରାଯାଇଥିଲା । ବିକେ ଭାରତୀ, ସୀମା ଏବଂ ଟୁନୀ ଭଉଣୀ ଅତିଥି ମାନଙ୍କୁ ଶିବ ବାବାଙ୍କ ଉପହାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କୁ ବିକେ ଗୀତା ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ବିକେ ବିନୋଦିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ତତ୍ ପର ଶାନ୍ତି ଯାତ୍ରା ବାହାରି ବାଲେଶ୍ୱର ଗୋଲେଇ ପାଖ ଶିବ ମନ୍ଦିରରେ ଆୟୋଜିତ କରାଯାଇଥିବା ବିଶ୍ୱ ନବ ନିର୍ମାଣ ଆଧାତ୍ମିକ ଚିତ୍ର ପ୍ରଦର୍ଶନୀରେ ଯୋଗଦେଇ ସମସ୍ତ ଭକ୍ତ ମାନଙ୍କୁ ପରମାତ୍ମା ଶିବଙ୍କର ପବିତ୍ର ଜନ୍ମୋତ୍ସବ ବିଷୟରେ ଜଣାଇଥିଲେ ।

## ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ : ଜାତୀୟ ସେବା ଶିବିର ଉଦ୍‌ଯାପିତ

ଭଦ୍ରକ, ୧୯/୦୨ (ନି.ପ୍ର): ସେବା ମଣିଷର ପରମ ଧର୍ମ । ସେବା ମାଧ୍ୟମରେ ସମସ୍ତ ମାନବର ଧର୍ମ ଚରିତାର୍ଥ ହୋଇଥାଏ । ନିସ୍ୱାର୍ଥପର ତ୍ୟାଗ ମନୋଭବ ପୂର୍ବକ ଯେଉଁ ବ୍ୟକ୍ତି ସମାଜ ସେବାରେ ବ୍ରତୀ ହୋଇଥାନ୍ତି । ସେମାନଙ୍କ ପାଖରେ ସ୍ୱାତଃ ପ୍ରବୃତ ଭାବେ ମଥାନତ ହୁଏ ବୋଲି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା ଜାତୀୟ ସେବା ଶିବିରର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ମତବ୍ୟକ୍ତ କରିଛନ୍ତି । ପ୍ରୋଗ୍ରାମ ଅଫିସର ରାଜନୀତି ବିଜ୍ଞାନ ମୁଖ୍ୟ ଅଧାପକ ସୁଦର୍ଶନ ଦାସଙ୍କର ଅଧ୍ୟକ୍ଷତା ଏବଂ ଉଦ୍ଭିଦ ବିଜ୍ଞାନ ଅଧାପିକା ସ୍ୱପ୍ନା ସୋନାଲିକା ଜେନାଙ୍କ ସଂଚାଳନାରେ ଶିବରାର୍ଥୀ ଛାତ୍ରଛାତ୍ରୀଗଣ ବୃକ୍ଷରୋପଣ, ନାଟକ ମାଧ୍ୟମରେ ବାଲ୍ୟ ବିବାହ ନିରୋଧ, ସ୍ୱାସ୍ଥ୍ୟ ସଚେତେନତା, ପରିମଳ ସଚେତନତା, ନିରକ୍ଷରତା ଦୂରୀକରଣ, ନିକଟସ୍ଥ ଗ୍ରାମରେ ବାର୍ତ୍ତା ପ୍ରଚାର କରିଥିଲେ । ଶିବିରରେ ନୃତ୍ୟ, ସଂଗୀତ, ତର୍କ ପ୍ରତିଯୋଗିତା କରାଯାଇ ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଦୁର୍ଗାଶଙ୍କର ଦାସ, ବସନ୍ତ ଜେନା, ପ୍ରଫୁଲ୍ଲ ବାରିକ ପ୍ରମୁଖ ଅଧାପକଗଣ ଶିବିରାର୍ଥୀଙ୍କ କାର୍ଯ୍ୟକୁ ନେଇ ଭୂୟସୀ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମକୁ ତୃପ୍ତିରେଖା ନାୟକ, ସୌରଭ ଦାସ, ନମିକା ଲେଖା ମୁଣ୍ଡା, ଅଜୟ ସ୍ୱାଇଁ, ମିହିର ପଣ୍ଡା ପ୍ରମୁଖ ସ୍ୱେଚ୍ଛାସେବୀ ଶିବିର ପରିଚାଳନା କରିଥିଲେ ।

## ଖୋର୍ଦ୍ଧା ଜିଲ୍ଲା ମୋ ସ୍କୁଲ ଅଭିଯାନର ପଂଚମ ବାର୍ଷିକୋତ୍ସବ

ଖୋର୍ଦ୍ଧା, ୧୯/୦୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ମୋ ସ୍କୁଲ ଅଭିଯାନର ପଂଚମ ବାର୍ଷିକ ଉତ୍ସବ ଓ ଜିଲ୍ଲା ସ୍ତରୀୟ ଆଲୁମିନ୍ମାନଙ୍କ ସମାରୋହ ବକ୍ସି ଜଗବନ୍ଧୁ ବିଦ୍ୟାଧର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗଦେଇ ସେ ଏହି ବି.ଜେ.ବି ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଭାବେ ବିଦ୍ୟାଳୟର ଉନ୍ନତି ପାଇଁ ଆଲୁମିନ୍ କମିଟି କିପରି ପ୍ରଥମ ସଭାରେ ତିନି ଲକ୍ଷ ଟଙ୍କା ସହାୟତା ସଂଗ୍ରହ କରିବାକୁ ସକ୍ଷମ ହୋଇ ଥିଲେ ଓ ଏହି ବିଦ୍ୟାଳୟର ଅନେକ ଉନ୍ନତି ଆଲୁମିନ୍ କମିଟି ଦ୍ୱାରା ହୋଇଛି କହିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀ ଆଲୁମିନ୍ମାନେ ମେଳା ମହୋତ୍ସବ, ଖାଦ୍ୟପେୟ, ଅଧିକ ଅର୍ଥ ବେୟ କରିବା ଅପେକ୍ଷା, ବିଦ୍ୟାଳୟର ଉନ୍ନତି ଲାଇବ୍ରେରୀ, ବିଜ୍ଞାନଗାର, କମ୍ପ୍ୟୁଟର ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କଲେ ଆମ ସରକାରଙ୍କ ଲକ୍ଷ୍ୟ ପୂରଣ ହେବା ସହିତ ଛାତ୍ରଛାତ୍ରୀଙ୍କ ଉନ୍ନତି ସାଧିତ ହୋଇପାରିବ ବୋଲି କହିଥିଲେ । ଅତିରିକ୍ତ ଶିକ୍ଷା ଜିଲ୍ଲା ଅଧିକାରୀ ସ୍ନିଗ୍ଧା ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କଲାପରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ତରାଇ ଏହି ଆଲୁମିନ୍ ମିଟର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜବାହାର ନବୋଦୟ ବିଦ୍ୟାଳୟର ଛାତ୍ରୀମାନେ ସ୍ୱଗତ ସଙ୍ଗୀତ ଗାନ କରିଥିଲେ । ଖୋର୍ଦ୍ଧା ଜିଲ୍ଲାର ୧୦ଟି ଯାକ ବ୍ଲକର ଶିକ୍ଷା ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ବେଳେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂହ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୩ ଘଣ୍ଟା ବିଳମ୍ବରେ ଉଠିଲା....

ସ୍ଥାପନ କରିଛନ୍ତି ମହାଦୀପ । ତେବେ ଶନିବାର ଭୋରରୁ ନୀତି ଠିକ ସମୟରେ ଆରମ୍ଭ ହୋଇଥଲେ ବି ସମୟ ଗଡି ଚାଲିବା ସହ ନୀତି ବିଳମ୍ବିତ ହୋଇ ଚାଲିଥିଲା । କେତେବେଳେ ମହାଦୀପ ଉଠିବ କେହି କିଛି ଜାଣିପାରୁନଥିଲେ । ଆଉ ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିର ଚାରିପାଖରେ ଦୀପ ଜଳାଇ ଭୋକ ଉପାସରେ ସେହି ପବିତ୍ର ମୁହୂର୍ତ୍ତକୁ ଅପେକ୍ଷା କରିଥିଲେ । ଏପରିକି ଟିଭିରେ ସିଧାପ୍ରସାରଣ ପାଇଁ ଦେଖିବାକୁ ଲକ୍ଷ ଲକ୍ଷ ଜନତା ଉଜାଗର ରହିଥିଲେ । ତେବେ ଏହି ନୀତି ବିଭ୍ରାଟକୁ ନେଇ ସେବାୟତ ଓ ପ୍ରଶାସନ ଦୋଷ ଠେଲାଠେଲି ହୋଇଛନ୍ତି । ଲିଙ୍ଗରାଜ ମନ୍ଦିରରେ ସାଧାରଣତଃ ସମର୍ଥା ନିଯୋଗ ସେବାୟତ ମହାଦୀପ ଉଠାନୀତି କରିଥାନ୍ତି । କିନ୍ତୁ ଜାଗରବେଳେ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ସମନ୍ୱୟ ଅଭାବ ଦେଖିବାକୁ ମିଳିଥିଲା । ଜାଗର ପ୍ରସ୍ତୁତି ପାଇଁ ନୀତି ନିର୍ଘଣ୍ଟ ବୈଠକରେ ଲିଙ୍ଗରାଜ ମନ୍ଦିରର ଦୁଇ ପ୍ରମୁଖ ସେବାୟତ ନିଯୋଗ ଯୋଗଦେଇନଥିଲେ । ଜିଲ୍ଲାପାଳଙ୍କ ସମନ୍ୱୟ ବୈଠକରେ ବ୍ରାହ୍ମଣ ନିଯୋଗ ଓ ପୂଜାପଣ୍ଡା ନିଯୋଗର ସଦସ୍ୟ ଯୋଗଦେଇନଥିଲେ । ଜିଲ୍ଲାପ୍ରଶାସନ ମଧ୍ୟ ନିଯୋଗକୁ ମନାଇବା ପାଇଁ କୌଣସି ପଦ କ୍ଷେପ ନେଇନଥିଲେ । ଜିଲ୍ଲାପାଳ ୩ ନିଯୋଗ ସମ୍ପାଦକଙ୍କୁ ନେଇ ସବକମିଟି ଗଠନ କରିବାକୁ କହିଥିଲେ । କିନ୍ତୁ ଲିଙ୍ଗରାଜ ମନ୍ଦିର ପ୍ରଶାସନ ଏହାକୁ ମାନିନନଥିଲା । ଲିଙ୍ଗରାଜ ମନ୍ଦିରରେ ନୀତି ବିଭ୍ରାଟ କିଛି ନୂଆ କଥା ନୁହେଁ । ସେବାୟତଙ୍କ ମଧ୍ୟରେ ବିବାଦ ହେଉ କିମ୍ବା ମନ୍ଦିର ପ୍ରଶାସନର ସ୍ଥାଣୁତା ଯୋଗୁଁ ପ୍ରଭୁ ଲିଙ୍ଗରାଜ ଅନେକ ସମୟରେ ଉପାସରେ ରହିବାର ଉଦାହରଣ ଅଛି । କିନ୍ତୁ ମହାଦେବଙ୍କ ସବୁଠାରୁ ବଡପର୍ବ ଜାଗର ଯାତ୍ରାରେ ଏଭଳି ବିଭ୍ରାଟକୁ ସାଧାରଣ ଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି ।

## ଜର୍ଦ୍ଦା ଦୋକାନୀଙ୍କ ଠାରୁ ....

ଯୁବକମାନେ ତାଙ୍କୁ ଖଣ୍ଡା ଦେଖାଇ ସେଠାରୁ ଫେରାର ହୋଇଯାଇଥିଲେ । ପରେ ଶ୍ରୀ ଜେନାଙ୍କ ଲିଖିତ ଅଭିଯୋଗ କ୍ରମେ ଟାଉନ ଥାନା ପୁଲିସ ୪୦/୨୦୨୩ ନଂର ଏକ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଥିଲା । ସଦର ଏସଡିପିଓଙ୍କ ନେତୃତ୍ୱରେ ଦୁଇଟି ପୁଲିସ ଟିମ ଜରିଆରେ ତଦନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତକାରୀ ଅଧିକାରୀ ପ୍ରଶାନ୍ତ ପାଣି ଓ ସାଇବର ସେଲର ମାନସ ବିଶ୍ୱାଳଙ୍କ ସହଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ାଉ ପରେ ପୁଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଏସପି ଶ୍ରୀମତୀ ନାଥ ସୂଚନା ଦେଇଛନ୍ତି । ସେହିପରି ଅଭିଯୁକ୍ତଙ୍କ ଠାରୁ ଲୁଟ ଅର୍ଥରୁ ୫ଲକ୍ଷ ୨୨ହଜାର ଟଙ୍କା ଜବତ କରାଯାଇଥିବା ବେଳେ ବାକି ଟଙ୍କା ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି । ଏସପିଙ୍କ ସମେତ ସଦର ଏସଡିପିଓ ଡ. ଶଶାଙ୍କ ଶେଖର ବେଉରିଆ, ସିଟି ଡିଏସପି ଗାୟତ୍ରୀ ପ୍ରଧାନ ଓ ଟାଉନଥାନା ଅଧିକାରୀ ପର୍ଶୁରାମ ସାହୁ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ଲେଖକ ମାନେ ନିଜ ଲେଖା ମାଧ୍ୟମରେ....

ଓଡ଼ିଶାର ବିଶିଷ୍ଟ କବି ମାନେ କବିତା ପାଠ କରିଥିଲେ । କବି ଲାବଣ୍ୟ ନାୟକ, ସିପୁନ ଜେନା, ଖଗେଶ୍ୱର ମହାନ୍ତି, ପ୍ରବିଣ କବି, ପ୍ରଦୀପ୍ତ କୁମାର ମହାନ୍ତି, ତେଜସ୍ୱିନୀ ସାମଲ, ମାନସରଞ୍ଜନ ସ୍ୱାଇଁ, ନିହାରୀକା ରଥ, କାମଦେବ ମହାରଣା, ଅମ୍ରିତା ସିଂ, କେ.ବିପ୍ଳବ, ପ୍ରିୟଙ୍କା ପ୍ରିୟ ଦର୍ଶିନୀ ଦାସ, ସ୍ୱର୍ଣ୍ଣ ପ୍ରଭା ଖଟୁଆ, ପ୍ରମୁଖ ସମେତ ଅନେକ କବି ସେମାନଙ୍କ ରସ୍ୱରଚିତ କବିତାଗୁଡ଼ିକ ପାଠ କରିଥିଲେ । କବି, ଅଶୋକ ବିଶ୍ୱାଳ, ଶୈଳେନ୍ଦ୍ର ନାଥ ଦାସ ଓ ଅକ୍ଷୟ ପଣ୍ଡା କବିତା ଗୁଡ଼ିକୁ ସଂଯୋଜନା କରିଥିଲେ । ସଂପାଦକ ବନମାଳୀ ସେନାପତି ସଂପାଦକୀୟ ବିବରଣୀ ପାଠ କରିଥିଲେ ଓ ଶୈଳେନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆରମ୍ଭରେ କଣ୍ଠ ଶିଳ୍ପୀ ତୃପ୍ତିଲତା ସ୍ୱାଇଁ ଆବାହନୀ ସଂଗୀତ ଗାନ କରିଥିଲେ ।

## ବାଲେଶ୍ୱର ପୁରବାଇ କନ୍ୟାଶ୍ରମରେ....

ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଓ ଶିଶୁ ମଙ୍ଗଳ କମିଟି ଆଶ୍ରମ ନିକଟରେ ପଂହଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଯାହାପରେ ଏକ ଡାକ୍ତରୀ ଟିମ୍ ଆଶ୍ରମରେ ପଂହଚି ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିବା ପରେ ୨୬ ଜଣ ଅନ୍ତେବାସୀଙ୍କୁ ସୋର ଡାକ୍ତରଖାନାରେ ଭର୍ତି କରିଥିଲେ । ତେବେ ପ୍ରତିବର୍ଷ ଆଶ୍ରମରେ ଅନ୍ତେବାସୀ ମୃତ୍ୟୁବରଣ କରୁଥିବା ଅଭିଯୋଗ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଅନ୍ତେବାସୀ । ଏବାବଦରେ ସୋର ଡାକ୍ତରଖାନା ଇନଚାର୍ଜ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି ।

# ଜାଗର ପାଇଁ ଚଳଚଞ୍ଚଳ ପୁରପଲ୍ଲୀର ଶୈବପୀଠ


ବାଲିଆପାଳ, ୧୯/୦୨ (ନି.ପ୍ର): ଓଁ ନମଃ ଶିବାୟ ଧ୍ୱନୀରେ ପ୍ରକମ୍ପିତ ହେଉଛି ଗାଁଠୁ ସହର । ସମ୍ପୂର୍ଣ୍ଣ ପରିବେଶ ଆଜି ହୋଇଛି ଶିବମୟ । ପବିତ୍ର ମହାଶିବ ରାତ୍ରୀ ପାଇଁସବୁଠି ଉତ୍ସବର ବାତାବରଣ ସୃଷ୍ଟି ହୋଇଛି । ସେଥିପାଇଁ ଚଳ ଚଞ୍ଚଳ ହୋଇ ଉଠିଛି ବାଲିଆପାଳ ବ୍ଲକରେ ଥିବା ସମସ୍ତ ଶୈବପୀଠ । ବାଲେଶ୍ୱର ଜିଲ୍ଲାର ଅନ୍ୟତମ ସର୍ବ ପୂରାତନ ବାବା ଲଙ୍ଗଳେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁ ମାନଙ୍କ ଗହଳି ଲାଗିଛି । ବାବା ଲଙ୍ଗଳେଶ୍ୱରଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା କରିବା ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଛୋଟି ଆସିଛନ୍ତି । ଏହି ପୂରାତନ ଶୈବପୀଠର ଅନେକ ପୌରାଣିକ କିମ୍ବଦନ୍ତୀ ରହିଥିବା ବେଳେ ଏହାର ମାହାତ୍ମ୍ୟ ସ୍ୱତନ୍ତ୍ର ରହିଛି । ଏଠାରେ ମହାଦେବଙ୍କ ମନ୍ଦିର ସମ୍ମୁଖରେ ମାତା ପାର୍ବତୀଙ୍କ ମନ୍ଦିର ବିଦ୍ୟମାନ । ମହାଦେବଙ୍କ ଶକ୍ତି ଏଠାରେ ସ୍ପଷ୍ଟ ବାରି ହୋଇ ପଡୁଥିବା ବେଳେ ଜ୍ୟୋତିର୍ଲିଙ୍ଗଂ ଭୂତଳଗାମୀ ହୋଇଯାଇଛି । କୌଣସି ବ୍ୟାଧିଗ୍ରସ୍ତ ଲୋକ ଯଦି ଲଙ୍ଗଳେଶ୍ୱର ମହାଦେବଙ୍କ ଠାରେ ଅଧିଆ ପଡିବା ସହିତ ମହାଦେବଙ୍କ ପାଦୁକା ସେବନ କରନ୍ତି ତାହାଲେ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ସେହିପରି ବ୍ଲକରେ ଥିବା ଅନ୍ୟତମ ଶୈବପୀଠ ବାବା ଖଗଡେଶ୍ୱର, ବାବା ଆଖଣ୍ଡଳମଣୀ, ବାବା ପାରୁଳେଶ୍ୱର, କାଶୀବିଶ୍ୱନାଥ, ନାଭଡେଶ୍ୱର, ଚାନ୍ଦେଶ୍ୱର, କାଶୀବିଶ୍ୱେଶ୍ୱର, ବାବା କଞ୍ଚନେଶ୍ୱର ପ୍ରଭୃତି ମନ୍ଦିର ମାନଙ୍କରେ ପ୍ରାତଃ ସମୟରୁ ଭକ୍ତମାନଙ୍କ ଗହଳି ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଥିଲା । ଗତ ଦୁଇ ବର୍ଷ ଧରି କୋଭିଡ କଟକଣା ଯୋଗୁଁ ଜାଗର ଯାତ୍ରା ବନ୍ଦ ରହିଥିଲା । ଚଳିତ ବର୍ଷ କୋଭିଡ କଟକଣା ନଥିବାରୁ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି । ଶାନ୍ତି ଶୃଙ୍ଖଳାରେ ଏବଂ ସୁରୁଖୁରରେ ପୂଜାର୍ଚ୍ଚନା ପାଇଁ ମନ୍ଦିର କମିଟି ତଥା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରା ଯାଇଛି । ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ବାଲିଆପାଳ ଥାନାଅଧିକାରୀ ସୁବ୍ରତ ବେହେରା ପ୍ରମୁଖ ବିଭିନ୍ନ ଶୈବପୀଠ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହ କିଭଳି ଭାବରେ ଶାନ୍ତି ଶୃଙ୍ଖଳାର ସହିତ ଜାଗର ଯାତ୍ରା ସମାପନ କରାଯାଇ ପାରିବ ସେନେଇ ମନ୍ଦିର ସେବାୟତ ଏବଂ ସ୍ଥାନୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଛନ୍ତି ।

# କଂଗ୍ରେସ ଦଳକୁ ଚିଲ ସହ ତୁଳନା କଲେ ନବଜ୍ୟୋତି ପଟ୍ଟନାୟକ



ବାଲେଶ୍ୱର, ୧୯/୦୨ (ନି.ପ୍ର): କଂଗ୍ରେସ ଦଳକୁ ଚିଲ ସହ ତୁଳନା କରିଛନ୍ତି ଦଳ ର ଅନ୍ୟତମ ନେତା ନବଜ୍ୟୋତି ପଟ୍ଟନାୟକ ଏବଂ ସଦର ବ୍ଲକ ତରଫରୁ ବିରାଟ ମୋଟରସାଇକେଲ ରାଲିରେ ନବଜ୍ୟୋତି ପଟ୍ଟନାୟକ ପଛଟି ନେଇଯାଇଥିଲେ ମଞ୍ଚ ନିକଟକୁ ଆଜି ବାଲେଶ୍ୱର ସଦର ବ୍ଲକ ର ପଚିଶ ନମ୍ବର ଜୋନ ର ବୁଆଁଳ ପଂଚାୟତ ରେ ଆୟୋଜିତ କର୍ମୀ ସମ୍ମିଳନୀ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ନବଜ୍ୟୋତି ପଟ୍ଟନାୟକ ଉଚ୍ଚ ଆକାଶରେ ଉଡି ବୁଲୁ ଥିବା ଚିଲ ଶିକାର କୁ କିଭଳି ସିଧା ସଳଖ ଝାମ୍ପି ନିଏ ସେ ସମ୍ପର୍କରେ ସୂଚନା ଦେବା ସହ ସତୁରି ବର୍ଷ ବଞ୍ଚି ରହୁଥିବା ଚିଲ ନିଜର ଶକ୍ତି କୁ କିଭଳି ବୃଦ୍ଧି କରେ ସେ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତା ରେ ଆୟୋଜିତ କର୍ମୀ ସମାବେଶ ରେ ନବଜ୍ୟୋତି ପଟ୍ଟନାୟକ କହିଥିଲେକି ଏବେ ଆମକୁ ଚିଲ ଭଳି ଅଧିକ ଶକ୍ତିଶାଳୀ ହେବାକୁ ପଡିବ । ନୂଆ ନଖ, ନୂଆ ପର, ନୂଆ ଥଣ୍ଟ ପ୍ରସ୍ତୁତ କରିବାକୁ ପଡିବ । କେବଳ କର୍ମୀ ମାନେ ଏକ ଜୁଟ ହେଲେ ଦଳ ଶକ୍ତି ଶାଳୀ ହୋଇପାରିବ. ସରକାର ଲୋକଙ୍କୁ ମାଗଣା ଚାଉଳ, ଛତା, ଜୋତା ଦିଅନ୍ତୁ ଆପତ୍ତି ନାହିଁ । ହେଲେ ରାଜ୍ୟର ବିକାଶ ପାଇଁ ପ୍ରଥମେ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଅନ୍ତୁ । ସମ୍ମାନ ର ସହ ଓଡ଼ିଆ ଜାତି କିଭଳି ମୁଣ୍ଡ ଉପରକୁ ଟେକି ବଞ୍ଚି ପାରିବ ଓ ଜାତିର ଗୌରବ ଓ ସମ୍ମାନ ବୃଦ୍ଧି ପାଇବ ସେଥି ପ୍ରତି କଂଗ୍ରେସ ଦଳ ଧ୍ୟାନ ଦେଉଛି. ଏହି ଅବସର ରେ ଜିଲ୍ଲା ସଭାପତି ସଂଜୀବ ଗିରି, ପିସିସି ସମ୍ପାଦକ ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ବିକାଶ ଦାସ ଉଦ୍‌ବୋଧନ ଦେଇଥିଲେ ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ



ବାଲେଶ୍ୱର, ୧୯/୦୨ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ୨୬ତମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଗାନ୍ଧିସ୍ମୃତି ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଇଂ ବନମାଳି ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲ୍ଲା ଓ ଦୌରା ଜଜ ଅଶାନ୍ତ କୁମାର ଦାସ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ । ଅବସରପ୍ରାପ୍ତ କର୍ମଚାରୀ ହୁଅନ୍ତୁ ଅବା ବରିଷ୍ଠ ନାଗରିକ, ପରିବାର ତଥା ସମାଜ ପାଇଁ ସମସ୍ତଙ୍କର ଆବଶ୍ୟକତାକୁ ଅଣଦେଖା କରିବା ଆମ ସଂସ୍କୃତିର ପରିପନ୍ଥୀ ବୋଲି ସେ କହିଥିଲେ । ସମାଜ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ମଧୁସୂଦନ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଅବସରପ୍ରାପ୍ତ ବରିଷ୍ଠଙ୍କ ଦୀର୍ଘ ଅଭିଜ୍ଞତା ତଥା ଅନୁଭୁତି ସଂସ୍କାରଯୁକ୍ତ ସମାଜକୁ ସବୁବେଳେ ଦିଗଦର୍ଶନ ଦେଇଥାଏ ବୋଲି କହିଥିଲେ । ସଂଘର ସାଧାରଣ ସମ୍ପାଦକ ବସନ୍ତ କୁମାର ନାୟକ ଏଥିରେ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଦାମୋଦର ନାୟକ ବାର୍ଷିକ ଆୟବ୍ୟୟ ପାଠ କରିଥିଲେ । ଏହି ଅବସରରେ ଆୟୋଜିତ ପୂଜ୍ୟ ପୂଜା କାର୍ଯ୍ୟକ୍ରମରେ ଡ. ଭାଗବତ ପାଣିଗ୍ରାହୀ, ଗୌରାଙ୍ଗ ପ୍ରଧାନ, ଇଂ କାର୍ତ୍ତିକେଶ୍ୱର ସିଂହ, ଜଗଦ୍ଦୀଶ ଜେନା, ପ୍ରଫୁଲ୍ଲ କୁମାର ବେହେରା, କ୍ଷେତ୍ରମୋହନ ନାୟକ ଓ କ୍ରୀଡ଼ା ପ୍ରତିଭା ପ୍ରଜ୍ଞା ପ୍ରଶାନ୍ତି ସାହୁ ପ୍ରମୁଖଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ବ୍ୟତୀତ ବିଭିନ୍ନ ବର୍ଗର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସଂଘର ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ ଏହି କାର୍ଯ୍ୟକ୍ରମରେ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସଭ୍ୟା ପ୍ରତୀମା ପଣ୍ଡା ଅତିଥି ପରିଚୟ ଦେଇଥିଲେ । ପ୍ରାରମ୍ଭରେ ଡ. କ୍ଷୀତୀଶ୍ୱର ଦାଶ ବେଦପାଠ କରିଥିଲେ । ଶେଷରେ ଇଂ ହୃଷିକେଶ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ବାର୍ଷିକ ସମ୍ମିଳନୀ ପୂର୍ବରୁ ଅନୁଷ୍ଠିତ ସାଙ୍ଗଠନିକ ସମ୍ମିଳନୀକୁ ପ୍ରତିଷ୍ଠାତା ସଭ୍ୟ ଧୀରେନ୍ଦ୍ର ନାରାୟଣ ଦାସ ଓ କୃତିବାସ ଆଚାର୍ଯ୍ୟ ଉଦଘାଟନ କରିଥିଲେ । ଜିଲ୍ଲାର ୧୪ଟି ଶାଖା ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ । ଏଥିରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ଇଂ ଗୌରାଙ୍ଗ ଚନ୍ଦ୍ର ସାହୁ, ବେଣୁଧର ଉପ-ସଭାପତି ଇଂ ସୁରେନ୍ଦ୍ର ନାଥ ଦାସ, ସମ୍ପାଦକ ସୁଜିତ କୁମାର ଜେନା, ଯୁଗ୍ମ ସମ୍ପାଦିକା ସାବିତ୍ରୀ ଦାସ, ପ୍ରଫେସର ଜ୍ୟୋତ୍ସ୍ନାରାଣୀ ପଣ୍ଡା, ପୁଷ୍ପଲତା ମହାନ୍ତି, ପ୍ରଥିତା ମିଶ୍ର, ହିମାଂଶୁ ଦାସ, କଲ୍ୟାଣୀ ନନ୍ଦ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିଦ୍ୟୁତ ଯନ୍ତ୍ରୀ ସଂଘର ସପ୍ତମ ବାର୍ଷିକ ଅଧିବେଶନ

ବାଲେଶ୍ୱର, ୧୯/୦୨ (ନି.ପ୍ର): ଓଡ଼ିଶା ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘ, ଟାଟା ପାୱାର ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ଶାଖାର ସପ୍ତମ ବାର୍ଷିକ ଅଧିବେଶନ ଓ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଏଲଏନ ପ୍ଲାଜା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ପ୍ରଧାନ ଏଥିରେ ସଭାପତିତ୍ୱ କରିବା ସହିତ ବିଦ୍ୟୁତ ଯୋଗାଣ ଭଳି ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଯନ୍ତ୍ରୀମାନେ ସାମନା କରୁଥିବା ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଦିନକୁ ଦିନ ବଢ଼ି ଚାଲିଥିବା ଗ୍ରାହକ ସଂଖ୍ୟାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଯନ୍ତ୍ରୀଙ୍କ କାର୍ଯ୍ୟକ୍ଷେତ୍ର ପରିସରକୁ ପୁନର୍ଗଠନ ପାଇଁ ସେ ପ୍ରସ୍ତାବ ଦେଇଥିଲେ । ଅନ୍ୟପକ୍ଷରେ ବାର୍ଦ୍ଧକ୍ୟକାଳୀନ ପେନସନ ଯୋଜନାରେ ସାମିଲ ହୋଇଥିବା ଯନ୍ତ୍ରୀମାନଙ୍କୁ ଜାତୀୟ ପେନସନ ଯୋଜନାରେ ସାମିଲ ପାଇଁ ଶ୍ରୀ ପ୍ରଧାନ ସଂଘ ପକ୍ଷରୁ ଦାବି ଜଣାଇଥିଲେ । ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ସରକାର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଯନ୍ତ୍ରୀମାନଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବେ ବୋଲି କହିଥିଲେ। ସମସ୍ତଙ୍କ ସହଯୋଗରେ ଉତ୍ତମ ସେବା ଓ ଗ୍ରାହକ ସନ୍ତୁଷ୍ଟି ପାଇଁ ଟାଟା ପାୱାର ସବୁଠି ବିଶ୍ୱାସଭାଜନ ହୋଇପାରିଛି ବୋଲି ସେ ସୂଚନା ଦେଇଥିଲେ। ଏହି ଧାରା ସର୍ବଦା ବଜାୟ ରଖିବାକୁ ସେ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଟିପିଏନଓଡିଏଲର ବ୍ୟବସାୟିକ ମୁଖ୍ୟ ଦୁଷ୍ୟନ୍ତ ତ୍ୟାଗୀ, ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀବଲ୍ଲଭ ସିଂହ, ଚିଫ ଅଫ ଅପରେସନ ନୀଲେଶ ଚନ୍ଦ୍ରକାନ୍ତ ଫଟଫୋଡ଼େ, ସିନିଅର ଜିଏମ ଶରତ ଚନ୍ଦ୍ର ମହାଳିକ ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘର ସହ ସାଧାରଣ ସମ୍ପାଦକ ନଟବର ବେହେରା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଟିପିଏନଓଡିଏଲ ଶାଖା ସାଧାରଣ ସମ୍ପାଦକ ଆଶୁତୋଷ ପଣ୍ଡା ଏଥିରେ ବିବରଣୀ ଉପସ୍ଥାପନ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ସିଦ୍ଧାର୍ଥ ପଟ୍ଟନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ପୁରୁଣା ବାଲେଶ୍ୱର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ବାଲେଶ୍ୱର, ୧୯/୦୨ (ନି.ପ୍ର): ପୁରୁଣା ବାଲେଶ୍ୱର ଯୁବକ ସଂଘ ପକ୍ଷରୁ ନବମ 'ପୁରୁଣା ବାଲେଶ୍ୱର ପ୍ରିମିୟର ଲିଗ୍' କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଅଚାନକ କ୍ରିକେଟ ପଡ଼ିଆରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବିଜେଡି ନେତା ଗଜେନ୍ଦ୍ର ମାଝୀ ଓ ସମାଜସେବୀ ବିଦ୍ୟାଧର ଦଳେଇ ମିଳିତ ଭାବେ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା କ୍ଷେତ୍ରରେ ପୁରୁଣା ବାଲେଶ୍ୱର ପ୍ରିମିୟର ଲିଗ୍ ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ସଂଗଠନର ସଭାପତି ମନ୍ମଥ ସ୍ୱାଇଁ ଓ ସମ୍ପାଦକ ସୁକାନ୍ତ ମାଝୀ ପ୍ରମୁଖ ଏଥିରେ ଉପସ୍ଥିତ ରହି ଉଦ୍‌ଘାଟନୀ କାର୍ଯ୍ୟକୁ ପରିଚାଳନା କରିଥିଲେ। ୧୫ ଓଭର ବିଶିଷ୍ଟ ଉଦଘାଟନୀ ମ୍ୟାଚ ବାଣେଶ୍ୱର ଏକାଦଶ ଓ ଦାମଦାସ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାନସ ମାଝୀ, ମନୋରଞ୍ଜନ ମହାପାତ୍ର ଓ ସୁକାନ୍ତ ମାଝୀ ପ୍ରମୁଖ ଅମ୍ପାୟାର ଭାବେ ପ୍ରଥମ ଦିନର ଖେଳ ପରିଚାଳନା କରିଥିଲେ। ଗୟାଧର ବେହେରା ଏଥିରେ ତୃତୀୟ ଆମ୍ପାୟାର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଟୁର୍ଣ୍ଣାମେଂଟରେ ୮ ଗୋଟି ଟିମ୍ ଭାଗ ନେଉଥିବା ବେଳେ ମୋଟ ୬୦ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଆସନ୍ତା ଏପ୍ରିଲ ୨୦ ତାରିଖ ଦିନ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ରତିକାନ୍ତ ମାଝୀ, ସତ୍ୟଜିତ ବେହେରା, ଦେବେନ୍ଦ୍ର ପାତ୍ର, ଉଦୟ ମାଝୀ, ଆଷୁତୋଷ ମହାପାତ୍ର, ରବୀନ୍ଦ୍ର ଦାସ, ନିରଞ୍ଜନ ଦାସ, ଲିପୁ ମହାରଣା ପ୍ରମୁଖ ସଂଗଠନର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରୁଛନ୍ତି।

## ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୬.୫ ଡ଼ିଗ୍ରୀ

ଭୁବନେଶ୍ୱର, ୧୯/୦୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୬.୫ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ସୁନ୍ଦରଗଡ଼ରେ ୧୪.୫ ଡ଼ିଗ୍ରୀ ରେକର୍ଡ଼ ହୋଇଛି। ପାର୍ବତ୍ୟାଚଂଳରେ ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡ଼ିରେ ୧୧.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୩.୬ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୨୦.୪ ଡ଼ିଗ୍ରୀ ରେକର୍ଡ଼ ହୋଇଛି। କଟକରେ ସର୍ବୋଚ୍ଚ ତାପମାତ୍ରା ୩୦.୨ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୦.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।



ବିଶିଷ୍ଟ କଥାକାର ଲକ୍ଷ୍ମୀଧର ନାୟକ ଆଦିସ୍ୟଙ୍କ ଗଳ୍ପ ସଂକଳନ 'ଆସଇ ବସନ୍ତ ଶିଶିର ଅନ୍ତେ'କୁ ପରାଗ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅବସରେ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହେବା ଅବସରରେ ।



ପରାଗ ସାହିତ୍ୟ ସଂସଦର ୪୧ତମ ବାର୍ଷିକ ଉତ୍ସବରେ ଅତିଥିଙ୍କ ଦ୍ୱାରା ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା ତଥା ଗାଳ୍ପିକା ସୈରିନ୍ଧ୍ରୀ ସାହୁ ସମ୍ବର୍ଦ୍ଧିତ ହେବା ଅବସରରେ ।

# ଜମାଅତ୍ ଅହେମଦିୟାର ଭଦ୍ରକ ମହିଳା ଗୋଷ୍ଠୀ 'ଲଜ୍‌ନା ଇମାଇଲ୍ଲାଃ' ଏକଶତ ବର୍ଷ ପୂର୍ତ୍ତି ଉପଲକ୍ଷେ ସର୍ବଧର୍ମ ସମ୍ମିଳନୀ

ଭଦ୍ରକ, ୧୯/୦୨ (ନି.ପ୍ର): ଲଜ୍‌ନା ଇମାଇଲ୍ଲା ହେଉଛି ଜମାତ୍ ଅହେମଦିୟାର ନାରି ସଂଘଠନ। ଉକ୍ତ ସଂଘଠନର ମୁଳଦୁଆ ଜମାତ୍ ଅହେମଦିୟାର ଦ୍ୱିତୀୟ ଖଲିଫା ହଜରତ ମିର୍ଜ ବସିରୁଦ୍ଦି ମହେମୁଦ ଅହେମଦ୍ ସାହେବ ର.ଅ ୨୫ଡିସେମ୍ବର ୧୯୨୨ ମସିହାରେ ରଖିଥିଲେ। ଲଜନା ଇମାଇଲ୍ଲା ସ୍ଥାପନ ହେବାର ମୂଳ ଅଭିପ୍ରାୟ ଏବଂ ଉଦ୍ଦେଶ୍ୟ ତାହା ହିଁ ଯାହା ଇସଲାମ ଅହେମଦିୟା ଜଣେ ମହିଳା ଠାରୁ ଆଶା କରିଥାଏ ଯେ ବିଶ୍ୱ ବ୍ରହ୍ମାଣ୍ଡରେ ପ୍ରକୃତ ଈଶ୍ୱରଙ୍କୁ ଚିହ୍ନିବା ଓ ତାହାକୁ ଜୀବନ୍ତ ବୋଲି ମନେକରି ତାହାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିବା ଅର୍ଥାତ୍ ଉପାସ୍ୟ ପ୍ରଭୁ ଓ ଉପସନକାରୀ ଭକ୍ତଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରାଇ ଏକ ଜୀବନ୍ତ ସଂପର୍କ ସ୍ଥାପନ କରିବା। ଚଳିତ ବର୍ଷ ଲଜ୍‌ନା ଇମାଇଲ୍ଲା ସଂଘଠନ ସ୍ଥାପନା ହେବାକୁ ଏକଶତ ବର୍ଷ ପୂର୍ତ୍ତି ହୋଇଯାଇଛି। ତେଣୁ ଲଜ୍‌ନା ଇମାଇଲ୍ଲା ତରଫରୁ ପ୍ରଭୁଙ୍କ କୃତଜ୍ଞତା ଜ୍ଞାପନ ପୂର୍ବକ ଭାରତ ବ୍ୟାପି ଜମାତ ମାନଙ୍କରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ଲଜ୍‌ନା ଇମାଇଲ୍ଲା ଭଦ୍ରକ ତରଫରୁ ମଦିନା ମଇଦାନ ରୋଡ଼ ସ୍ଥିତ ଅହେମଦିୟା ମୁସଲିମ ଜମାଅତର ସଭାଗୃହରେ ଭଦ୍ରକ ଜୋନର ଲଜ୍‌ନା ଇମାଇଲ୍ଲା ଅଧ୍ୟକ୍ଷ ଅମତୁଲ୍ ହାଫିଜ୍ ଫାଇଜାଙ୍କ ସଭାପତିତ୍ୱରେ ଏକ ସର୍ବୋଧର୍ମ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ରୂପେ ପ୍ରାକ୍ତନ ପ୍ରଫେସର ଝରଣା ପଟ୍ଟନାୟକ, ବରିଷ୍ଠ ଆଇନ୍‌ଜୀବୀ ରାଧାରାଣୀ ମହାପାତ୍ର, ବିଶିଷ୍ଟ ସମାଜସେବୀ ସୋଫିଆ ସେକ୍, ଭଦ୍ରକ ପୌରପାଳିକାର ଅଧ୍ୟକ୍ଷ ଗୁଲମୁଖି ଦଲୱାଜି ହବିବ, ଭଦ୍ରକ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀ, ପ୍ରାଧ୍ୟାପିକା ପ୍ରଭାତ ନଳିନୀ ମହାପାତ୍ର ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀ ଭଦ୍ରକ ଲଜ୍‌ନା ଇମାଇଲ୍ଲାର ଅଧ୍ୟକ୍ଷ ହୋସେନ କମର ଜାହଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।





## ଫେବୃଆରୀ୨୭ରୁ ୩ ଦଫା ଦାବିରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

ଭଦ୍ରକ, ୧୯/୦୨ (ନି.ପ୍ର): ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଡାକରାରେ ୩ ଦଫା ଦାବି ପୂରଣ ନିମନ୍ତେ ଆସନ୍ତା ଫେବୃଆରୀ ୨୭ ତାରିଖରୁ ଆନ୍ଦୋଳନରେ ସାମିଲ ହେବାକୁ ଜିଲ୍ଲା ସଭାପତି ଅରବିନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱରେ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରାଥମିକ ଶିକ୍ଷକମାନେ ଗତ ନଭେମ୍ବର ମାସ ୨୭ ତାରିଖରେ ଏହି ୩ ଟି ଦାବି ନେଇ ଦୀର୍ଘ ଦିନ ଶିତ କାକରରେ ରାଜଧାନୀ ଠାରେ ବିକ୍ଷୋଭ ଓ ଧାରଣା ଦେଇଥିଲେ। ୬ ବର୍ଷର ଶିକ୍ଷା ସହାୟକ ଠିକା ସମୟକୁ ମୂଳ ଚାକିରିରେ ଗଣନା କରି ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା, କେନ୍ଦ୍ରିୟ ହାରରେ ଦରମା ଏବଂ ପୁରୁଣା ପେନ୍‌ସନକୁ ପ୍ରଚଳନ କରିବା ଦାବିରେ ବ୍ଲକ ସ୍ତରରୁ ରାଜଧାନୀ ପର୍ଯ୍ୟନ୍ତ ଗର୍ଜନ କରିଥିଲେ। ଓଡ଼ିଶା ସରକାରଙ୍କର ମୁଖ୍ୟ ଶାସନ ସଚିବ ଏକ ଉଚ୍ଚ ସ୍ତରୀୟକମିଟି ଗଠନ କରି ଲିଖିତ ପ୍ରତିଶୃତି ପରେ ଆନ୍ଦୋଳନ ସ୍ଥଗିତ ଥିଲା। ଇତି ମଧ୍ୟରେ ବିଧାନସଭାର ଶୀତ ଅଧିବେଶନ ପରେ ବଜେଟ ଅଧିବେଶନ ଆସି ପହଞ୍ଚିଥିଲା। ୩ ମାସ ମଧ୍ୟରେ ସରକାର ଶିକ୍ଷକମାନଙ୍କ ନିମନ୍ତେ କିଛଇ ଘୋଷଣା କଲେ ନାହିଁ। ଉଚ୍ଚ ସ୍ତରୀୟ କମିଟିର ବୈଠକ ଚାଲିଛି, ଆର୍ଥିକ ବୋଝ ଅଧିକ ହେଉଛି ବୋଲି ଆଳ ଦେଖାଇ ସମୟ ଗଡାଉଛନ୍ତି। ପ୍ରାଥମିକ ଶିକ୍ଷକମାନେ ପୁନର୍ବାର ଆନ୍ଦୋଳନ କରିବାର ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୭ ତାରିଖରେ ବିଧାୟକମାନଙ୍କର ବାସଭବନ ଆଗରେ ଧାରଣା ଦେବା ଏବଂ ୨୮ ତାରିଖ ଠାରୁ ଦାବି ପୂରଣ ପର୍ଯ୍ୟନ୍ତ ରାଜଧାନୀରେ ଆନ୍ଦୋଳନ କରିବା ନିଷ୍ପତ୍ତି ନେଇଛନ୍ତି। ଭଦ୍ରକ ଜିଲ୍ଲାରେ ପ୍ରତି ବ୍ଲକ ସ୍ତରରେ ସଂଘ ବୈଠକ କରାଇ ଶିକ୍ଷକମାନଙ୍କୁ ଆନ୍ଦୋଳନରେ ସାମିଲ ହେବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ଆଦିବାସୀ ମହିଳାଙ୍କୁ ମରଣାତ୍ମକ ଆକ୍ରମଣ : ନ୍ୟାୟ ପାଇଁ ସିଂଲା ଥାନାରେ ଅଭିଯୋଗ

ବାଲିଆପାଳ, ୧୯/୦୨ (ନି.ପ୍ର): ଓଡ଼ିଶାର ଆଦିବାସୀ ଝିଅ ଭାରତର ଶାସନ ମୁଖ୍ୟ ହୋଇଥିବା ବେଳେ ସେହି ସମ୍ପ୍ରଦାୟର ମହିଳା ଆଜି ଅସାମାଜିକ ପଡୋଶୀ ମାନଙ୍କ ଦ୍ୱାରା ଆକ୍ରମଣର ଶିକାର । ଏପରି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ଗ୍ରାମର ଆଦିବାସୀ ସାହିରେ । ସୁଚନାରୁ ପ୍ରକାଶ ଲଙ୍ଗଳେଶ୍ୱର ଗ୍ରାମର ଆଦିବାସୀ ସାହିରେ ଗତ ୧୪ ତାରିଖ ମଙ୍ଗଳବାର ରାତିରେ ଦୁଲାଲ ମୁର୍ମୁଙ୍କ ସ୍ତ୍ରୀ ଦୀପା ମୁର୍ମୁକୁ ତାଙ୍କର ପଡୋଶୀ ତପନ କୁମାର ଜେନା ଏବଂ ବୁଲା ଜେନା ଦୁଇ ଭାଇ ମିଶି ସ୍ୱାମୀଙ୍କ ଅନୁପସ୍ଥିତିରେ ଘରୁ ବାଳ ଗୋଛା ଧରି ଟାଣି ଆଣି ଗୋଇଁଠା ବିଧା ମାରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି । ତେବେ ଚିତ୍କାର ଶୁଣି ତାଙ୍କ ସ୍ୱାମୀ ଏବଂ କିଛି ପଡୋଶୀ ପୁରୁଷ ଓ ମହିଳା ସଙ୍ଗେ ସଙ୍ଗେ ଆସିଯିବାରୁ ଦୁଇ ଭାଇ ଫେରାର ହୋଇଯାଇଥିଲେ । ଆକ୍ରମଣରେ ଦୀପା ମୁର୍ମୁ ଚେତା ଶୂନ୍ୟ ହେବା ସହିତ ଲହୁ ଲୁହାଣ ମଧ ହୋଇଥିଲେ। ଗ୍ରାମବାସୀଙ୍କ ସହଯୋଗରେ ସ୍ୱାମୀ ଦୁଲାଲ ଗୁରୁତର ଆହତ ପତ୍ନୀଙ୍କୁ ଚିକତ୍ସା ପାଇଁ ସେହି ରାତିରେ ଲଙ୍ଗଳେଶ୍ୱର ପ୍ରାଥମିକ ଚିକତ୍ସାଳୟ, ବସ୍ତା ଗୋଷ୍ଠି ଚିକତ୍ସାଳୟ ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକତ୍ସାଳୟ ନେଇ ଚିକତ୍ସା କରାଇଥିଲେ । ତେବେ ବାଲେଶ୍ୱରରେ ଚିକିତ୍ସା ପରେ ଦୀପାଙ୍କର ଦେହ ଟିକେ ସୁସ୍ଥ ହେବାରୁ ପରେ ଘରକୁ ଆସି ନ୍ୟାୟ ପାଇଁ ଗତ ୧୭ ତାରିଖ ଶୁକ୍ରବାର ଦିନ ଉଭୟ ସ୍ୱାମୀ ଓ ସ୍ତ୍ରୀ ସିଂଲା ଥାନାରେ ଅଭିଯୋଗ କରିଛନ୍ତି। ଦୁଇ ଘରର ସୀମାରେ ବାଡ ବସାକୁ କେନ୍ଦ୍ରକରି ଉଭୟ ପରିବାର ମଧ୍ୟରେ ତିକ୍ତତା ଲାଗିରୁହେ ବୋଲି ପଡୋଶୀଙ୍କ ଠାରୁ ଜଣାପଡିଛି । ତେବେ ଦେଖି ବାକୁ ବାକି ରହିଲା ସିଂଲା ଥାନା ଅଧିକାରୀ କେବେ ଏହି ଦୁଇ ଭାଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପୀଡିତା ମହିଳାଙ୍କୁ ନ୍ୟାୟ ପ୍ରଦାନ କରୁଛନ୍ତି ।



# ତ୍ରିମୁର୍ତ୍ତି ଶିବଜୟନ୍ତୀରେ ବ୍ରହ୍ମାକୁମାରୀ ଆଶ୍ରମ ପକ୍ଷରୁ ଶାନ୍ତି ଶୋଭାଯାତ୍ରା

ବାସୁଦେବପୁର, ୧୯/୦୨ (ନି.ପ୍ର): ବାସୁଦେବପୁର ରେ ତ୍ରିମୁର୍ତ୍ତି ଶିବ ଜୟନ୍ତୀ ରେ ପ୍ରଜାପିତା ବ୍ରହ୍ମା କୁମାରୀ ଆଶ୍ରମ ପକ୍ଷରୁ ଏକ ଶାନ୍ତି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା କ୍ଷ ଏହି ଶୋଭାଯାତ୍ରା ବେତଡା, ବାରାପୁର, ନରସିଂହପୁର, ଇରମ୍, ଗୁଡ଼, ଚୂଡ଼ାମଣି, ଚାନ୍ଦୀମାଳ, କୃଷ୍ଣପୁର, ବିଦେଇପୁର ଦେଇ ଅତିକ୍ରମ କରି କରଞ୍ଜ ଅଡିଆ ଠାରେ ପହଞ୍ଚିଥିଲା । ଏହି ଶାନ୍ତି ଶୋଭାଯାତ୍ରା କୁ ବାସୁଦେବପୁର ପୌରପାଳିକା ଅଧକ୍ଷା ନିବେଦିତା ବେହେରା ଆଶ୍ରମ ର ସଞ୍ଚାଳିକା ବ୍ରହ୍ମା କୁମାରୀ ପ୍ରତିମା ଭଉଣୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବିଶିଷ୍ଟ ଶିଳ୍ପପତି ସମାଜ ସେବୀ ଶୁଭେନ୍ଦୁ ଭୂଷଣ ବେହେରା, ବ୍ରହ୍ମା କୁମାର ଗଦାଧର ଭାଇ, ବ୍ରହ୍ମା କୁମାର ନିର୍ମଳ ଭାଇ, ପୌର ପାଳିକା ଉପାଧ୍ୟକ୍ଷ ଉତ୍ତମ ବାରିକ, ବିଧାୟକ ପ୍ରତିନିଧି ଅସିତ ଦାଶ, ବିଜେଡି ଯୁବ ସଭାପତି ମାନସ ସାହୁ ଙ୍କ ସହିତ ଅନେକ ଜ୍ଞାନୀ ଗୁଣୀ ଏହି ଆଶ୍ରମ ର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ କ୍ଷ ବ୍ରହ୍ମା କୁମାରୀ ସନ୍ଧ୍ୟା, ବି କେ ଶେଷଦ୍ରି, ବି କେ ଉର୍ମିଳା, ବି କେ ପୂର୍ଣ୍ଣିମା, ବି କେ ରତିକାନ୍ତ, ସୁରେନ୍ଦ୍ର ଭାଇ, ହିମାଂଶୁ ଭାଇ ଓ ଅନ୍ୟ ଭାଇ ଭଉଣୀ ମାନେ ଏହି ଶୋଭାଯାତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କ୍ଷ ବହୁ ସଂଖ୍ୟା ରେ ଜନସାଧାରଣ ଯୋଗ ଦେଇଥିଲେ ।



# ଖଇରା ବ୍ଲକରେ ଶିବରାତ୍ରୀ ଓ ସମ୍ବର୍ଦ୍ଧନା ସମାରୋହ

ଖଇରା, ୧୯/୦୨ (ନି.ପ୍ର):ବାଲେଶ୍ୱର ଜିଲ୍ଲା ଅଧୀନ ଖଇରା ବ୍ଲକର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରୀ ଓ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ହଜାର ହଜାର ଭକ୍ତଙ୍କ ଗହଣରେ ପାଳିତ ହୋଇ ଯାଇଛି । ପ୍ରସିଦ୍ଧ ବକ୍ରେଶ୍ୱର ପୀଠରେ ଅଭିମନ୍ୟୁ ମହାକୁଡ ଓ ପିତାମ୍ବର ରାଉତଙ୍କ ସମେତ କମିଟି ସଦସ୍ୟ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଭକ୍ତଙ୍କ ଦର୍ଶନକୁ ଶୃଙ୍ଖଳିତ କରାଯାଇଥିଲା । ସେହିଭଳି ଅଜୟ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଶାଳଗଡିଆ ସ୍ଥିତ ଶୈଳେଶ୍ୱର ମନ୍ଦିର ର ୨୦ତମ ବାର୍ଷୀକୋତ୍ସବରେ ରାଜ୍ୟ ଯୋଜନା ବୋର୍ଡ ସଭ୍ୟ ପ୍ରସନ୍ନ କୁମାର ପାଟ୍ଟଶାଣି ମୁଖ୍ୟ ଅତିଥି, ପ୍ରଫେସର ଶଶାଙ୍କ ଚୁଡାମଣୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଭୁଷଣ ଗୌରଶ୍ୟାମାନନ୍ଦ ମହାରାଜଙ୍କ ଦ୍ୱାରା ପ୍ରବଚନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସମ୍ଭୁନାଥ ନାୟକଙ୍କ ସମେତ କଳା, ସାହିତ୍ୟ, କୃଷି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡା ଜଳଙ୍ଗ ଚଣ୍ଡୀ ମନ୍ଦିରରେ ପାର୍ଶ୍ୱ ଦେବତା ଭାବେ ପୂଜା ପାଉଥିବା ସିନ୍ଧୁକେଶ୍ୱରଙ୍କ ଯାଗରଯାତ୍ରାରେ ଜନସମାଗମ ଦେଖିବାକୁ ମିଳିଥିଲା । ଅତିରିକ୍ତ ତହସିଲଦାର ଗଦାଧର ସେଠୀଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ବାବାଙ୍କ ଦର୍ଶନ କରିଥିଲେ ଉପେନ୍ଦ୍ର ତିଆଡି, ବେଣୁଧର ତିଆଡି, ଉମାକାନ୍ତ ପଣ୍ଡା ଙ୍କ ଦ୍ୱାରା ସ୍ନାନ ଯଜ୍ଞାଦି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ଟ୍ରଷ୍ଟବୋର୍ଡର ଅଧ୍ୟକ୍ଷ ପ୍ରଫୁଲ୍ଲ ଦାସ ତଥା ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ । ଗଣ୍ଡିବେଡସ୍ଥିତ ବାବା ଲଙ୍କେଶ୍ୱର, ଖଇରାର ଆଖଣ୍ଡଳେଶ୍ୱର ଙ୍କ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।



## ମୁଖ୍ୟମନ୍ତ୍ରୀ ସୌଜନ୍ୟତା ଭୁଲିଗଲେ : ସୁରେଶ ପୂଜାରୀ

ଭୁବନେଶ୍ୱର, ୧୯/୦୨ (ନି.ପ୍ର): ପଦ୍ମପୁର ସବଡିଭିଜନକୁ ଜିଲ୍ଲା ଘୋଷଣା କରିବାକୁ ବର୍ଷେ ସମୟ ନେବାର କଣ ଆବଶ୍ୟକତା ରହିଛି ବୋଲି ପ୍ରଶ୍ନ କରିଛନ୍ତି ବିଜେପି ନେତା ତଥା ବରଗଡ଼ ସାଂସଦ ସୁରେଶ ପୂଜାରୀ । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସୌଜନ୍ୟତା ଭୁଲି ଯାଇଛନ୍ତି । ସେ ଲୋକ ପ୍ରତିନିଧି ମାନଙ୍କୁ ମଧ ଡାକିଲେଣି । ବିକାଶରେ ସମସ୍ତଙ୍କୁ ସାମିଲ କରିବାର ଆବଶ୍ୟକତା ରହିଛି । ପଦ୍ମପୁର ବିକାଶ ପାଇଁ ନୂଆ ରେଲ ଲାଇନର ନିହାତି ଦରକାର ଲ। ଯଦି ପ୍ରକୃତ ବିକାଶ ଚାହୁଁଛନ୍ତି ଜମି ଅଧିଗ୍ରହଣ କରି କେନ୍ଦ୍ରକୁ ଜଣାନ୍ତୁ' । ରାଜ୍ୟ ସରକାର ପ୍ରସ୍ତାବକ ହୁଅନ୍ତୁ, ମୁଁ କେନ୍ଦ୍ରରୁ ମଞ୍ଜୁର କରାଇବି ବୋଲି ସେ କହିଛନ୍ତି ।

# ବିଭିନ୍ନ ଶୈବପୀଠରେ ମହା ଶିବରାତ୍ରୀ ପାଳିତ

ବାରିପଦା, ୧୯/୦୨ (ନି.ପ୍ର): ମହା ଶିବରାତ୍ରୀରେ ଆଜି ବାରିପଦାର ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଛି । ଆଜି ସକାଳ ୪.୩୦ ରୁ ମହାଦେବଙ୍କ ନିତ୍ୟାନି ନିତୀକାନ୍ତି ଆରମ୍ଭ ହୋଇ ସକାଳ ୭ଟା ସୁଦ୍ଧା ମହାପୂଜା ଆରମ୍ଭ ହୋଇଛି । ହେଲେ ଦିନତମାମ ଭକ୍ତଙ୍କ ପୂଜାପାଇଁ ବିଭିନ୍ନ ଶିବ ମନ୍ଦିର ରେ ଲମ୍ବା ଲାଇନ ଲାଗିରହି ଥିବାର ଦେଖିବାକୁ ମିଳିଛି । କୋଭିଡ କଟକଣା କାରଣରୁ ବିଗତ ୨ବର୍ଷ ଧରି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ବ୍ୟବଧାନ ଏବର୍ଷ ଆଉ ନାହିଁ । ସକାଳ ୬ଟାରୁ ମନ୍ଦିର ମାନଙ୍କରେ ଲୋକେ ନିଜ ପରିବାରର ଶୁଭ ମନାସୀ ପୂଜାର୍ଚ୍ଚନା କରିଛନ୍ତି । ବିଶେଷ କରି ବାରିପଦାର ଐତିହାସିକ ଦକ୍ଷିଣାବର୍ତ୍ତୀ ସ୍ୱୟଂଭୂ ଶୈବ ପୀଠ ବାବା ବୁଢାରାଉଳ ମହାଦେବ, ବାରୁଣେଶ୍ୱର ମହାଦେବ, ଭଂଜେଶ୍ୱର ମହାଦେବ, ଲୋକେଶ୍ୱର ମହାଦେବ, ହରିହର ମହାଦେବ, ନୀଳକଂଠେଶ୍ୱର ମହାଦେବ, ବାରୁଣେଶ୍ୱର ମହାଦେବ, ସ୍ୱପ୍ନେଶ୍ୱର ମହାଦେବ, ପଂଚାନନ ମହାଦେବ, ବଳଗଣ୍ଡେଶ୍ୱର ମହାଦେବ, ପାତାଳେଶ୍ୱର ମହାଦେବ, ତ୍ରିବିକ୍ରମେଶ୍ୱର ମହାଦେବ ଙ୍କ ପୀଠ ସହିତ ବିଭିନ୍ନ ସ୍ଥାନରେ ରହିଥିବା ଶୈବପୀଠ ଗୁଡିକରେ ଦିନତମାମ ଭକ୍ତମାନେ ପୂଜାର୍ଚ୍ଚନା ପାଇଁ ଭୀଡ ଲଗାଇଥିବା ବେଳେ, ଜାଗର ଜାଳିବା ପାଇଁ ବ୍ରତଧାରୀ ମାନେ ଦୀପଜାଳି ବସିଥିବାର ଦେଖାଯାଇଛି । ଆଜି ମଧ୍ୟରାତ୍ରୀରେ ମହାଦୀପ ଉତୋଳନ ପର୍ଯ୍ୟନ୍ତ ଶିବଭକ୍ତ ମାନେ ମହା ଆନନ୍ଦରେ ଓ ଭକ୍ତି ସହକାରେ ଶିବଙ୍କର ପୂଜାର୍ଚ୍ଚନା ସହ ଜପତପରେ ମଗ୍ନ ରହିଥିବାର ଦେଖାଯାଇଛି । ବାରିପଦାର ବିଭିନ୍ନ ଶୈବପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିବାର ଜଣାଯାଇଛି । ସେହିପରି ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ମାଣତ୍ରୀର କଖାରୁଆ ବୈଦ୍ୟନାଥ । ଶିମିଳାର ଶିମିଳେଶ୍ୱର ମହାଦେବ ଓ ଦେବଶୋଳର ପ୍ରାଚୀନ ଶୈବ ପୀଠରେ ଭକ୍ତଙ୍କ ପ୍ରବଳ ଭୀଡ ସହ ଲାଗିଥିବା ମେଳାରେ ମଧ ଭିଡ ଦେଖିବାକୁ ମିଳିଛି ।



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo